୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.180 Bhubaneswar Friday August 23 2024 | ୨୬ତମ ବର୍ଷ ସଂଖ୍ୟା–୧୮୦ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ହିଞ୍ଜିଳିରେ ନିଜ ସଂଗଠନକୁ ରଖିପାରିଲେନି ନବୀନ, ବିଜେଡି ଛାଡିଲେ ବହୁ ସରପଂଚ୍ ଓ ସମିତି ସଭ୍ୟ



ଭୁବନେଶ୍ୱର,୨୨।୮(ପି.ଏନ): ନିଜ ଗଡକୁ ରକ୍ଷା କରିପାରିଲେନି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଦୀର୍ଘ ଅଢ଼େଇ ଦଶନ୍ଧି ଧରି ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେଉଥିବା ନବୀନଙ୍କ ଉପରୁ ଆସ୍ଥା ହରାଇ ହିଞ୍ଜିଳି ଓ ଶେରଗଡ ବ୍ଲକର ବହୁ ସରପଂଚ୍ ଓ ସମିତି ସଭ୍ୟ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସେମାନଙ୍କ ସହ ଅନେକ ପୂର୍ବତନ ସରପଂଚ୍,ସମିତି ସଭ୍ୟ, ସଂଗଠକ ମଧ୍ୟ ବିଜେଡି ଛାଡିଛନ୍ତି । ନିଜ ଗଡରେ ଦଳୀୟ ସଂଗଠନକୁ ରଖିବାରେ ବିଫଳ ହୋଇଥିବା ନବୀନ ସମଗ୍ର ରାଜ୍ୟରେ ବିଜେଡିକୁ କିଭଳି ସୁରକ୍ଷିତ ରଖିବେ ତାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି । ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିବା ହିଞ୍ଜିଳି ନିର୍ବାଚନମଣ୍ଡଳୀର ନିର୍ବାଚିତ ଜନପ୍ରତିନିଧିମାନଙ୍କ ସମେତ ବରିଷ୍ଠ ନେତାମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ହିଞ୍ଜିଳିରୁ ବିଜେପିର ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ରଙ୍କ ନେତୃତ୍ୱରେ ବିଜେଡି ନେତା ରାମକୃଷ୍ଣ ମହାକୁଡଙ୍କ ସହଯୋଗରେ ହିଞ୍ଜିଳି ବ୍ଲକର ସରପଂଚ୍ ବିକାଶ ସେଠୀ,ବିଜୟ ବେହେରା, ସନ୍ତୋଷ ସାହୁ, ସୁରେଶ ବରଡ, କୃଷ୍ଣଚନ୍ଦ୍ର ସୁଆଁସିଆ, ଗୁରୁନାଥ ପୋଲାଇ, ଶିବାଜୀ ବିଶୋଇ, ସମିତିସଭ୍ୟ ଇପିଲି ରାଜା, ମାର୍କଣ୍ଡ ପାଣିଗ୍ରାହୀ ପ୍ରମୁଖ ନିଜ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ଶେରଗଡ ବ୍ଲକର ସରପଂଚ୍ ଉଦୟନାଥ ପ୍ରଧାନ, ପୂର୍ବତନ ସରପଂଚ୍ ପଦ୍ମନାଭ ପାତ୍ର, ଧ୍ରୁବଚରଣ ନାୟକ,ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ଗୌଡ, ପୂର୍ବତନ ସରପଂଚ୍ ଧର୍ନୁଧର ମଲ୍ଲିକ, ପୂର୍ବତନ ନାଏବ ସରପଂଚ୍ ପ୍ରମୋଦ ବିଶୋଇ, ମୁକେଶ ସାହୁ, ପ୍ରତାପ ପ୍ରଧାନ, ତାପସ ପ୍ରଧାନ, ଜିତେନ୍ଦ୍ର ମହାରଣା, ସୁନନ୍ଦ ପାଢ଼ୀ, ସରପଂଚ୍ ସଞ୍ଜୟ ଜେନା,ନନ୍ଦିକ ଗାଁର ପୂର୍ବତନ ବିଜେଡି ସରପଂଚ୍ ରୋହିତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ମନୋଜ ପ୍ରଧାନ, ପୂର୍ବତନ ସରପଂଚ୍ ହରିହର ଦାସ, ପୂର୍ବତନ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଯୋଗେନ୍ଦ୍ର ବେହେରା, ପୂର୍ବତନ ସରପଂଚ୍ ପ୍ରକାଶବେହେରା, ପୂର୍ବତନ ସରପଂଚ୍ ପ୍ରବୀଣ ପାଣିଗ୍ରାହୀ, ପୂର୍ବତନ ୱାର୍ଡମେମ୍ବର ପବିତ୍ର ପାଠୀ, ଝିଲ୍ଲୁ ପାଣିଗ୍ରାହୀ, ସନ୍ୟାସୀ ସାହୁ, କୈଳାସ ବେହେରା, ସିନି ପାପେୟା ପାତ୍ର, ଆର ସୁଦାମ, ଡି.ବଳରାମ ପାତ୍ର, ହରିଶ୍ଚନ୍ଦ୍ର ସାହୁ, ଇ.ମହେଶ୍ୱର, ଶଙ୍କର ସାବତ, ରାସ ବିହାରୀ ଦାସ, ଶଙ୍କର ପୃଷ୍ଟି, ଆନନ୍ଦ ପ୍ରଧାନ, ପ୍ରଦୀପ ପାଣିଗ୍ରାହୀ, ସୁବାଷ ଗୌଡ, ରତିକାନ୍ତ ପରିଡା, ଏମ୍.ରାମମୂର୍ତ୍ତି, କେ. ପୁରୁଷତୋମ, ପି.ବାବୁ ରାଓଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଆଜି ବିଜେଡି ଛାଡି ବିଜେପିରେ ଆନୁଷ୍ଠାନିକଭାବେ ସାମିଲ ହୋଇଛନ୍ତି ।

## ଆଜି ଲୋକସଭା ନିର୍ବାଚନ ହୋଇଥିଲେ କ'ଣ ହୋଇଥା'ନ୍ତା ଫଳାଫଳ



ଭୁବନେଶ୍ୱର,୨୨।୮(ପି.ଏନ): ଯଦି ଆଜି ଦେଶରେ ଲୋକସଭା ନିର୍ବାଚନ ହୋଇଥା'ନ୍ତା, ତା'ହେଲେ ଫଳାଫଳ କ'ଣ ହୋଇଥା'ନ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ତୃତୀୟ ପାଳିର ତୃତୀୟ ମାସ ଚାଲିଥିବା ବେଳେ ଯଦି ଆଜି ନିର୍ବାଚନ ହୋଇଥା'ନ୍ତା, ତା'ହେଲେ ଏହାର ଭାଗ୍ୟରେ ବିଶେଷ କିଛି ପରିବର୍ତ୍ତନ ହୋଇନଥା'ନ୍ତା। ଇଣ୍ଡିଆ ଟୁଡେର ମୁଡ୍ ଅଫ୍ ଦ ନେଶନ ସର୍ଭେ ?ରୁ ଏହା ଜଣାପଡିଛି।୨୦୨୪ ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୯୩ଟି ଆସନ ପାଇଛି। ଯଦି ଆଜି ନିର୍ବାଚନ ହୋଇଥା'ନ୍ତା ତା'ହେଲେ ଏନ୍‌ଡିଏ ଆଉ ୬ଟି ଅଧିକ ଆସନରେ ବିଜୟୀ ହୋଇଥା'ନ୍ତା। ଅର୍ଥାତ୍ ଏନ୍‌ଡିଏ ୨୯୯ଟି ଆସନ ଜିତିଥା'ନ୍ତା। ଏକାକୀ ୨୪୦ଟି ଆସନ ପାଇଥିବା ବିଜେପି ଆଉ ମାତ୍ର ୪ଟି ଅଧିକ ଆସନ ପାଇଥା'ନ୍ତା। ଅନ୍ୟପକ୍ଷରେ ଆଜି ନିର୍ବାଚନ ହୋଇଥିଲେ ଗତ ଲୋକସଭା ନିର୍ବାଚନରେ ୯୯ଟି ଆସନ ଜିତିଥିବା କଂଗ୍ରେସ ୧୦୬ଟି ଆସନରେ ବିଜୟୀ ହୋଇଥା'ନ୍ତା। କିନ୍ତୁ ଇଣ୍ଡି ମେଣ୍ଟ ଗତ ନିର୍ବାଚନରେ ପାଇଥିବା ଆସନରୁ ଗୋଟିଏ ଆସନ କମ୍ ପାଇଥା'ନ୍ତା।୨୦୨୪ ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୦ ତାରିଖ ମଧ୍ୟରେ ସିଭୋଟର ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଏଥିରେ ସାରା ଦେଶରେ ଥିବା ୫୩୪ଟି ଲୋକସଭା ନିର୍ବାଚନ ମଣ୍ଡଳୀରୁ ମୋଟ ୪୦ ହଜାର ୫୯୧ ଜଣଙ୍କ ମତାମତ ସଂଗ୍ରହ କରାଯାଇଥିଲା। ସେହିପରି ସିଭୋଟରର ନିୟମିତ ସାପ୍ତାହିକ ଟ୍ରାକରରୁ ମଧ୍ୟ ଅନ୍ୟ ୯୫ ହଜାର ୮୭୨ ଜଣଙ୍କ ମତାମତକୁ ସମୀକ୍ଷା କରି ଏହି ସର୍ଭେ ରିପୋର୍ଟ ପ୍ରକାଶ କରାଯାଇଛି।

## ପଶ୍ଚିମବଙ୍ଗର ଦିନମଜୁରିଆଙ୍କୁ ସଂଘବଦ୍ଧ ମାଡ; ଗିରଫ ହେଲେ ୪ ଅଭିଯୁକ୍ତ

ରାଉରକେଲା,୨୨।୮(ପି.ଏନ): ପଶ୍ଚିମବଙ୍ଗର ଦିନମଜୁରିଆଙ୍କୁ ମାଡପିଟ କରିବାସହ ଧମକଚମକ ଦେବା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଉଛନ୍ତି ନୟାବଜାର ଭବାନୀପୁର ବସ୍ତିର କରଣ କଛପ(୧୯), ମଧୁସୂଦନ ସାଏ(୨୬), ନୟାବଜାର ଉତ୍ତମ ବସ୍ତିର ବିଜୟ ଲାକୁଆ(୨୨) ଓ ବନ୍ଧମୁଣ୍ଡା ବି'ସେକ୍ଟରର ବିକାଶ ମୁଣ୍ଡା(୨୨)। ପୁଲିସ ସୂଚନାଅନୁସାରେ, ଛେଣ୍ଡ୍ କଲୋନିର ଠିକାଦାର ସୁମନ ସିଂହ ପଶ୍ଚିମବଙ୍ଗର ପ୍ରାୟ ୪୦/୫୦ ଜଣ ଶ୍ରମିକଙ୍କୁ ଆଣି ସହରର ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟରେ ନିୟୋଜିତ କରିଥାନ୍ତି।ନୟାବଜାରର ଏକ ବସ୍ତିରେ ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟା। ଚାରି ଅଭିଯୁକ୍ତ ଉକ୍ତ ବସ୍ତିରେ ପହଞ୍ଚି ତୁରନ୍ତ ସହର ଛାଡିବାକୁ ଧମକ ଦେଇଥିଲେ। ଏହାସହ କୁଆଡ ମାଡପିଟ କରିଥିବା ଠିକାଦାର ଶ୍ରୀ ସିଂହ ପୁଲିସ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଢେଙ୍କାନାଳ ସଦର ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଢେଙ୍କାନାଳ,୨୨।୮(ପି.ଏନ): ସକାଳୁ ସକାଳୁ ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ଢେଙ୍କାନାଳ ସହର ରେଞ୍ଜର ଭୁବନାନନ୍ଦ ମିଶ୍ରଙ୍କ ଘରେ ଭିଜିଲାନ୍ସର ରେଡ୍ ପଡିଛି। ଘର, ସରକାରୀ କ୍ୱାଟର ଓ କାର୍ଯ୍ୟାଳୟରେ ଚଢ଼ାଉ ଚାଲିଛି। ସୂଚନାନୁଯାୟୀ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ାଉ ଜାରି ରହିଥିବା ଜଣାପଡିଛି। ସେହିପରି ଅଗଷ୍ଟ ୧୭ ତାରିଖ ଦିନ ଆସିଷ୍ଟାଣ୍ଟ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ଯାଜପୁର CT & GST ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଚାଲିଥିଲା । ତାଙ୍କ ନାଁରେ ୫ ଲକ୍ଷ ୮୫ ହଜାର ସରକାରୀ ଅର୍ଥ ହଡପ ଅଭିଯୋଗ ହୋଇଥିଲା । ଏକକାଳୀନ ୫ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଥିଲା । ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡାରେ ରେଡ୍ ହୋଇଥିଲା । ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ସରକାରୀ ବାସ ଭବନ, ବରମୁଣ୍ଡାରେ ଥିବା ଘରେ, ନିରାକାରପୁର ସ୍ଥିତ ଘର ଓ ଫାର୍ମ ହାଉସ, ପାଟକୁରା ଯଦୁପୁର ସ୍ଥିତ ପୈତୃକ ଘରେ ଚଢ଼ାଉ ହୋଇଥିଲା । ରେଡରେ ୭ ଜଣ ଡିଏସପି, ୧୪ ଇନ୍ସପେକ୍ଟର ସାମିଲ ଥିଲେ ।

## ଓଡିଶାରେ ୨ଟି ସୁନା ଖଣିର ସନ୍ଧାନ ମିଳିଛି, ଆଉ ୧୦ଟି ସ୍ଥାନରେ ଚାଲିଛି ଅନୁସନ୍ଧାନ



ଭୁବନେଶ୍ୱର,୨୨।୮(ପି.ଏନ):ଓଡିଶାରେ ୨ଟି ସ୍ଥାନରେ ସୁନା ଖଣିର ସନ୍ଧାନ ମିଳିଛି । ଆଉ ୧୦ଟି ସ୍ଥାନରେ ସୁନା ଖଣି ଚିହ୍ନଟ ପାଇଁ ଅନୁସନ୍ଧାନ ଜାରି ରହିଛି । ଏବେ ଗୋଟିଏ ସୁନା ଖଣି ଥିବା ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଆଉ ଗୋଟିଏ ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇନଥିବାରୁ ତା'ର ଉତ୍ତୋଳନ ପାଇଁ କୌଣସି ଯୋଜନା ହୋଇନାହିଁ ବୋଲି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି । ଆଜି ବିଧାନସଭାରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ଦେବଗଡ ଜିଲ୍ଲାର ଆଡାସ-ରାମପାଲ୍ଲୀ ଅଂଚଳରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ତମ୍ବାପଥର ପାଇଁ ଜି-୨ ସ୍ତରର ଅନ୍‌ୱେଷଣବେଳେ ସୁନାପଥରର ସନ୍ଧାନ ମିଳିଛି । ଭୂତାତ୍ତ୍ୱିକ ଆକଳନରୁ ଏହି ଅଂଚଳରେ ସୁନା ଗଚ୍ଛିତ ଥିବା ଜଣାପଡିଛି ଓ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତି କରାଯାଉଛି । ଏହି ଅଂଚଳରେ ୦.୯୦ନିୟୁତ ଟନ୍ ସୁନା ଗଚ୍ଛିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।ସେହିପରି ୧୯୮୧-୮୩ ଓ ୧୯୮୯-୯୬ରେ ଚିହ୍ନଟ ହୋଇଥିବା କେନ୍ଦୁଝର ଜିଲ୍ଲାର ଗୋପୁର-ଗାଜିପୁର ଅଂଚଳରେ ପ୍ରାଥମିକ ସର୍ବେକ୍ଷଣରୁ ମିଳିଥିବା ସୂଚନା ଆଧାରରେ ସୁନା ଖଣିର ପୁନଃ ଅନୁସନ୍ଧାନ କାର୍ଯ୍ୟକ୍ରମ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆନ ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଜି-୨ ସ୍ତରରେ ୨୦୨୧-୨୨ରୁ ଚାଲୁ ରହିଛି । ଏହି ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇନଥିବାରୁ ଏହାର ଉତ୍ତୋଳନ ନିମନ୍ତେ ସରକାରୀସ୍ତରରେ ଏବେ କୌଣସି ଯୋଜନା ନାହିଁ । ଅବଶ୍ୟ ଏହି ଖଣି ଅଂଚଳରେ ୩୧୧.୦୭ କେଜି ସୁନା ଗଚ୍ଛିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ରାଜ୍ୟରେ ସୁନା ଖଣିଗୁଡିକ ଉତ୍ତୋଳନ କରି ଏକ ପ୍ରୋସେସିଂ ୟୁନିଟ୍ ଖୋଲିବା ପାଇଁ ଏବେ ସରକାରଙ୍କ କୌଣସି ଯୋଜନା ନଥିବା ମନ୍ତ୍ରୀ ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି ।

## ମର୍ମନ୍ତୁଦ ସଡକ ଦୁର୍ଘଟଣା: ଚାଲିଗଲା ୪ଜଣଙ୍କ ଜୀବନ

ବ୍ରହ୍ମପୁର,୨୨।୮(ପି.ଏନ): ସକାଳୁ ସକାଳୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ସମରଝୋଳ ଛକରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ବସ୍ ସହ ତେଲ ଟ୍ୟାଙ୍କର ଧକ୍କା ହୋଇଛି। ସୂଚନାନୁଯାୟୀ, ରାସ୍ତାକଡ ଚାହା ଦୋକାନ ଉପରକୁ ଗାଡି ମାଡିଯାଇଥିଲା। ତେବେ ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ଚା' ଦୋକାନରେ ଚା' ପିଉଥିବା ୩ଜଣଙ୍କର ମୃତ୍ୟୁ ଘଟିଛି।

## ପାରାଦୀପ ପୌର ଉପାଧ୍ୟକ୍ଷ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣା



ପାରାଦୀପ,୨୨।୮(ପି.ଏନ): ପାରାଦୀପ ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ରାଉତଙ୍କୁ ଆକ୍ରମଣ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବୀରେ ପାରାଦୀପ ବିଜେଡି କାର୍ଯ୍ୟକାରୀ ସଭାପତି କୁମରବର ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହିତ ପାରାଦୀପ ଆଦର୍ଶ ଥାନା ଆଗରେ ଧାରଣା ଦିଆଯାଇଥିଲା । ଏହି ଧାରଣାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଜୁ ଶ୍ରମିକ ସାମଖ୍ୟ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସାର୍ଖେଲ, ଶ୍ରମିକ ନେତା ଅରବିନ୍ଦ ସାର୍ଖେଲ, ଆମ ପାରାଦୀପ ଆମ ପ୍ରଗତି ସଭାପତି କୈଳାଶ ଚନ୍ଦ୍ର ସାହୁ,ପାରିଷଦ ପ୍ରଭାତୀ ନାୟକ, ମନୋଜ ନାୟକ, ଶୁକ୍ରମଣି ନାଗ, ବିନତୀ ପରିଡା,ସଂଘମିତ୍ରା ସ୍ୱାଇଁ, ପାରାଦୀପର ପୂର୍ବତନ ବିଧାୟକଙ୍କ ପ୍ରତିନିଧି ରଶ୍ମିରଂଜନ ପରିଡା ପ୍ରମୁଖ ସାମିଲ ହୋଇଥିଲେ । ଉପାଧ୍ୟକ୍ଷା ରାଉତ ଏବଂ ତାଙ୍କ ସ୍ୱାମୀ ନରେନ୍ଦ୍ରଙ୍କ ଉପରେ ଲକପଡାସ୍ଥିତ ଘର ଆଗରେ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ଉପାଧ୍ୟକ୍ଷା ଶ୍ରୀମତୀ ରାଉତ ଆହତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ନରେନ୍ଦ୍ରଙ୍କୁ ମୁଣ୍ଡରେ ଆଘାତ ଲାଗି ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ ହୋଇଥିଲେ । ଏହି ଆକ୍ରମଣ ଘଟଣାକୁ ସାତ ଦିନ ଟପି ଯାଇଥିଲେ ବି ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ ।

## ବଦଲାପୁର ଯୌନ ନିର୍ଯାତନା ମାମଲା: ସ୍କୁଲ ବିରୋଧରେ ଆସିଲା ସାଂଘାତିକ ଅଭିଯୋଗ



ଭୁବନେଶ୍ୱର,୨୨।୮(ପି.ଏନ): ମହାରାଷ୍ଟ୍ରର ବଦଲାପୁରରେ ଥିବା ଗୋଟିଏ ସ୍କୁଲରେ ୨ ଜଣ ନର୍ସରୀ ଛାତ୍ରୀଙ୍କୁ ସୁଇପର ଦେଇଥିବା ଯୌନ ନିର୍ଯାତନା ମାମଲାରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଉତ୍ପୀଡନର ଶିକାର ହୋଇଥିବା ୨ ଜଣ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କର ପରିବାର ଲୋକ ସ୍କୁଲ ଓ ପୁଲିସ୍ ବିରୋଧରେ ଅବହେଳା ଏବଂ ହତାଶାଭାବର ଅଭିଯୋଗ ଆଣିଛନ୍ତି।ଜଣେ ପୀଡିତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ ମେଡିକାଲ ରିପୋର୍ଟରୁ ଯୌନ ନିର୍ଯାତନାର ପ୍ରମାଣ ମିଳିଥିଲା। କିନ୍ତୁ ସ୍କୁଲ ପ୍ରିନ୍ସିପାଲ ଏହାକୁ ମାନି ନଥିଲେ। ପୀଡିତାଙ୍କ ଗୁପ୍ତାଙ୍ଗରେ ହୋଇଥିବା ଆଘାତ ଚିହ୍ନ ସାଇକେଲ ଚଳାଉଥିବା ଯୋଗୁ ହୋଇଛି ବୋଲି ପ୍ରିନ୍ସିପାଲ ଯୁକ୍ତି ରଖିଥିଲେ। ପରିବାର ଲୋକ ଆହୁରି ଅଭିଯୋଗ କରିଛନ୍ତି ଯେ ଛୋଟ ଝିଅକୁ ହସ୍ପିଟାଲ ଓ ପୁଲିସ୍ ଷ୍ଟେସନରେ ଦୀର୍ଘ ଘଣ୍ଟା ଧରି ଅପେକ୍ଷା କରିବାକୁ ବାଧ୍ୟ କରାଯାଇଥିଲା। ସେମାନଙ୍କୁ ପୁଲିସ୍ ଅଧିକାରୀମାନେ ଧମକ ଦେବା ସହ ବଦଲାପୁରରେ ହେଉଥିବା ଆନ୍ଦୋଳନରେ ସାମିଲ ନ ହେବାକୁ ମଧ୍ୟ କହିଥିଲା। ପରିବାର ଲୋକଙ୍କ ଠାରୁ ପୁଲିସ୍ ଆନ୍ଦୋଳନରେ ସାମିଲ ନ ହେବା ପାଇଁ ଲିଖିତ ପ୍ରତିଶ୍ରୁତି ମଧ୍ୟ ଦାବି କରିଥିଲା। ଏଭଳି ଅଭିଯୋଗ ପରେ ସ୍ଥାନୀୟ ପୁଲିସ୍ ଓ ପ୍ରଶାସନର କାର୍ଯ୍ୟ ଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସାରା ଦେଶରେ ଡାକ୍ତରଙ୍କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୨୨।୮(ପି.ଏନ): କୋଲକାତା ହରର ପରେ ବଡ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ସାରା ଦେଶରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଆଜି ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଆନ୍ଦୋଳନରୁ ଫେରି ଡ୍ୟୁଟି କରିବାକୁ ଚାହୁଁଥିବା ମେଡିକାଲ କର୍ମଚାରୀ ଓ ଡାକ୍ତରଙ୍କୁ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସୁପ୍ରିମକୋର୍ଟ କୋଲକାତା ହରର ଶୁଣାଣି ବେଳେ କହିଛନ୍ତି ଯେ ଡାକ୍ତରଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ କେନ୍ଦ୍ର ଗୃହ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଗୃହ ସଚିବ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ଡିଜିପିଙ୍କ ସହ ଡାକ୍ତରଙ୍କ ବୈଠକ ଡାକନ୍ତୁ। ଗୋଟିଏ ସପ୍ତାହ ମଧ୍ୟରେ ବୈଠକ ଡାକି ସରକାରୀ ହସ୍ପିଟାଲରେ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରନ୍ତୁ।ବୈଠକର ଦୁଇ ସପ୍ତାହ ମଧ୍ୟରେ ରାଜ୍ୟଗୁଡିକ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏବେ ମାମଲାର ଶୁଣାଣି ସେପ୍ଟେମ୍ବର ୫ରେ ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି।

## ରାଇଘରରେ ବ୍ଲକ ଅଧକ୍ଷ ନର୍ବାଚନ: ନିଜ ଆସନ ବଜାଇ ରଖିଲା ବିଜେଡି

ରାଇଘର,୨୨।୮(ପି.ଏନ): ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ଖାଲି ପଡିଥିବା ବ୍ଲକ ଅଧକ୍ଷ ପଦ ପାଇଁ ଆଜି ଉପନିର୍ବାଚନ ହୋଇ ଯାଇଛି। ବିଜେଡି ଓ ବିଜେପି ପକ୍ଷରୁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବିଜେଡି ସମର୍ଥିତ ସମିତିସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ବିଜୟ ଲାଭ କରିଛନ୍ତି। ବିପକ୍ଷରେ ଲଢେଇ କରୁଥିବା ବିଜେପି ସମର୍ଥିତ ସମିତିସଭ୍ୟ ତୃପ୍ତିରଞ୍ଜନ ମାଝୀ ପରାଜୟ ସ୍ୱୀକାର କରିଛନ୍ତି। ସୂଚନା ଅନୁଯାଇ ଗତ ସାଧାରଣ ନିର୍ବାଚନରେ ପୂର୍ବତନ ବ୍ଲକ ଅଧକ୍ଷା ନବିନା ନାୟକ ନିଜ ପଦରୁ ଇସ୍ତଫା ଦେଇ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ଲଢେଇ କରିଥିଲେ। ସେହି ଦିନ ଠାରୁ ଉକ୍ତ ପଦବି ଖାଲି ପଡିଥିବା ବେଳେ କିଛି ମାସ ପାଇଁ ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର କାର୍ଯ୍ୟଭାର ସମ୍ଭାଳି ଥିଲେ। ଏହି ପଦବି ପାଇଁ ଆନୁଷ୍ଠାନିକ ଭବେ ଆଜି ଉପ ନିର୍ବାଚନ ହୋଇ ଯାଇଛି। ଆଜି ଦିନ ୧୨ ଟା ୩୦ ମିନିଟ ରୁ ଆରମ୍ଭ ହୋଇ ୧ ଟା ୩୦ ମିନିଟ ପର୍ଯ୍ୟନ୍ତ ନିର୍ବାଚନ ହୋଇଥିଲା। ୨ ଟା ସମୟରେ ଭୋଟ ଗଣତି ହୋଇଥିଲା। କସକଙ୍ଗା ପଞ୍ଚାୟତ ସମିତିସଭ୍ୟ ତଥା ପୂର୍ବତନ ବ୍ଲକ ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ରାଇଘର ବ୍ଲକର ନୂତନ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରୀତିରଞ୍ଜନ ରଥ ଘୋଷଣା କରିଥିଲେ। ବିଜେଡି ସମର୍ଥିତ ଗୁପ୍ତ ପ୍ରସାଦ ଝାଙ୍କରଙ୍କୁ ୧୬ ଗୋଟି ଭୋଟ ମିଳିଥିବା ବେଳେ ବିଜେପି ସମର୍ଥିତ ପାର୍ଥି ତୃପ୍ତି ରଞ୍ଜନ ମାଝୀଙ୍କୁ ୭ ଗୋଟି ଭୋଟ ମିଳିଥିଲା। ଗୋଟିଏ ଭୋଟ ନାକଚ ହୋଇଥିବା ବେଳେ କଚରାପାରା ପଞ୍ଚାୟତ ଓ କାଉଡଲା ପଞ୍ଚାୟତରେ ସମିତିସଭ୍ୟ ପଦ ଖାଲି ରହିଛି। ନିର୍ବାଚନ ସମୟରେ ପୂର୍ବତନ ସାଂସଦ ତଥା ମନ୍ତ୍ରୀ ରାମେଶ ଚନ୍ଦ୍ର ମାଝୀ ଉପସ୍ଥିତ ରହିଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୱୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶରଣାଗତି ଯୋଗ

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।

## ଭାରତୀୟ ଜନତାପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ (ପିଏନ୍)- ଚଣ୍ଡିଖୋଲ ସ୍ଥିତ ଭାରତୀୟ ଜନତାପାର୍ଟି ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ ଜିଲ୍ଲା ସଭାପତି ପ୍ରଭାକର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଙ୍ଗଠନିକ ବୈଠକରେ ବଡ଼ଚଣା ବିଜେପିର ପାଞ୍ଚ ମଣ୍ଡଳ ସଭାପତିଙ୍କ ସହ ସମସ୍ତ କର୍ମକର୍ତା ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା



କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଜେପି ନେତା ତଥା ରାଜ୍ୟ ସମ୍ପାଦକ ଅମର ନାୟକ, ରାଜ୍ୟ ପଛୁଆ ବର୍ଗ ବିଜେପି ସଭାପତି ସମରେନ୍ଦ୍ର ପରିଡ଼ା, ସୁଂଗୁଡ଼ା ପଂଚାୟତ ସମିତିର ପୂର୍ବତନ ସମିତି ସଭ୍ୟ ତଥା ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଆଗମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନ କିପରି ମଜବୁତ ହେଇପାରିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସାତଗୋଟି ବିଧାନସଭା କ୍ଷେତ୍ରର ଆଗଧାଡ଼ିର ଛାମୁଆ ନେତା ଓ କର୍ମୀମାନେ ସାମିଲ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣଧାରଣାକୁ ନେଇ ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ (ପିଏନ୍)-ଚଣ୍ଡିଖୋଲ ନିକଟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏକ ଗଳି ପୋଲକୁ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ଯାହାକୁ ନେଇ ଆଗାମୀଦିନରେ ଗ୍ରାମବାସୀମାନେ ଗଣଧାରଣା ଦେବେ ବୋଲି ଗତକାଲି ଏକ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏବେ ଚଣ୍ଡିଖୋଲରୁ ଡୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଚାଲୁରହିଛି। ଏହି ଜାତୀୟ ରାଜପଥର ଦେଇ ନିକଟବର୍ତୀ ବଡ଼ଚଣା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ଖୋସାଲିପୁର,ସୁଂଗୁଡ଼ା, ଧାନମଣ୍ଡଳ, ସୁଭଦ୍ରାପୁର, ଚାରିବାଟିଆ ଓ ଭଡଙ୍ଗା ଗ୍ରାମର ଲୋକମାନେ ପ୍ରତିଦିନ ଜାତୀୟ ରାଜପଥକୁ ଆସି ଚଣ୍ଡିଖୋଲ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି.ଜାତୀୟରାଜପଥ ପାରହେଇ ଏହିଗ୍ରାମର ଶତାଧିକ ଛାତ୍ରଛାତ୍ରୀମାନେ ଅତି ବିପଦପୂର୍ଣ ଭାବେ ନିକଟରେ ଥିବା ଚଣ୍ଡିଖୋଲ କଲେଜ,ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟ, ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରକୁ ଯାଇଥାନ୍ତି। ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଭାରୀଯାନ ପଡୋଶୀ କେନ୍ଦୁଝର ଓ ସୁକିନ୍ଦା ଖଣି ଅଂଚଳରୁ ଖଣିଜ ପଦାର୍ଥ ନେଇ ପାରାଦୀପ ବନ୍ଦରକୁ ଯାଇଥାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରୁ ମଧ ପ୍ରତିଦିନ ଶତାଧିକ ଭାରୀଯାନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏତେସବୁ ଗାଡି ଚଳପ୍ରଚଳ ଯୋଗୁ ଜାତୀୟ ରାଜପଥରେ ସବୁବେଳେ ଭିଡ ଲାଗିରହିଥାଏ। ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ସୁଭଦ୍ରାପୁର ଗ୍ରାମର ଗ୍ରାମବାସୀମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଯାଜପୁର ଜିଲ୍ଲାପାଳ, ବିଧାୟକ ଓ ସାଂସଦଙ୍କୁ ଏକ ଦାବୀ ପତ୍ର ଦେଇଥିଲେ। ମାତ୍ର ଜାତୀୟ ରାଜପଥ ଦୋହରୀକରଣ କାମ ଚାଲୁଥିବା ବେଳେ କେବଳ ବଙ୍ଗଳା ଛକରେ ଏକ ଗଳିପୋଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏହି ଗଳିପୋଲର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରଶାସନ ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଉଭୟ ଗ୍ରାମର ମୁରବୀମାନେ ଚାରିବାଟିଆ ସ୍ଥିତ ଦୁର୍ଗାମନ୍ଦିର ପରିସରରେ ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଏକାଠି ହେଇ ଆଗମୀ ଦିନରେ ଏହାକୁ ନେଇ ଗଣଧାରଣା ଦେବାକୁ ସ୍ଥିର କରିଥିଲେ।

# ମା' ମନସା ଦେବୀ ଶକ୍ତିପୀଠ

ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ରଷି-ମୁନୀମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଳାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।

ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ। ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା



ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଛି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ



ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ରଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ,



କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିଷ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

## ୭ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ ହେବ ହୋଲସେଲ ମାର୍କେଟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଜମଧର ଗ୍ରାମପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି(ଆର.ଏମ.ସି.) ପରିସରରେ ନିର୍ମାଣ ହେବ ହୋଲସେଲ ବଜାର। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି। ଏହି ଅର୍ଥ ନିୟନ୍ତ୍ରିତ ବଜାର କମିଟି ତା'ର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବ। ପରେ କେନ୍ଦ୍ର ସରକାର ଏହି ଅର୍ଥ ବହନ କରିବେ। ଏଥିପାଇଁ ୩୨ଟି ଗୋଦାମ ଗୃହ ନିର୍ମାଣ ହେବ। ଏହି ଗୋଦାମ ଗୃହରେ ଚାଷୀମାନେ ଅମଳ କରୁଥିବା ପନି ପରିବା ଓ ସାମଗ୍ରୀ ମହଜୁଦ ହୋଇ ରହିବ ବୋଲି କହିଛନ୍ତି ନିୟନ୍ତ୍ରିତ ବଜାର କମିଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ରାଉତ। ସେ କହିଛନ୍ତି ଚାଷୀମାନଙ୍କ ସୁବିଧା ପାଇଁ ଏହା କରାଯାଉଛି। ସେହିପରି ଏହା ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଏକ ଦୈନନ୍ଦିନ ବଜାର ମଧ ନିର୍ମାଣ କରାଯିବ। ସେଥିପାଇଁ ୮୦ଟି ଦୋକାନ ଗୃହ ନିର୍ମାଣ ହେବ। ଏହା ପରିସରରେ ଚାଷୀମାନେ ବିଭିନ୍ନ ପ୍ରକାର ଜିନିଷ ବିକ୍ରି କରିପାରିବେ। ନିୟନ୍ତ୍ରିତ ବଜାର କମିଟି ପରିସର ମଧରେ ଜାତୀୟ କୃଷି ବଜାର ଯୋଜନାରେ ୨ କୋଟି ଟଙ୍କା ବ୍ୟୟରେ ସୁନ୍ଦର ରାସ୍ତା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହା ଫଳରେ ଗାଡି ମଟର ଚାଷୀଙ୍କ ଜିନିଷ ନେଇ ଯିବା ଆସିବା କରିପାରିବ। ଏଥିସହ ଗ୍ରାହକମାନେ ମଧ ଗାଡିମଟର ନେଇ ଯିବା ଆସିବା କରିବା ସୁବିଧା ହେବ। ୧୯୭୯ ମସିହାରେ ଏହି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଥିଲା। ଏଥିପାଇଁ ୧୯୮୪ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ସହର ଠାରୁ ଦୂରରେ ହୋଇଥିବାରୁ ଲୋକମାନେ ଏହା ପରିସରକୁ ପନି ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହିପରି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ରାଉତ କହିଛନ୍ତି।

## ଖୋରଧା ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ



ଖୋର୍ଦ୍ଧା (ପିଏନ୍) - ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ତରଫରୁ ଉଇଲ୍‌କିସନ୍ ନଗର (ନୂଆଗାଁ) ଠାରେ ଏକ ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିବା ଜାଗାକୁ ବିନା ମୂଲ୍ୟରେ ରାଜ୍ୟ ସରକାର ଯୋଗାଇଦେବା, ସ୍କୁଲ ପାଠ୍ୟକ୍ରମରେ ପାଇକ ଆଖଡ଼ାକୁ ସ୍ଥାନ ଦେବା, ପାଇକ ଆଖଡ଼ାର ଦକ୍ଷ ଖେଳାଳୀମାନଙ୍କୁ ସୈନ୍ୟବାହିନୀ ଆଦି ଚାକିରୀ କ୍ଷେତ୍ରରେ ଅଗ୍ରାଧିକାର ଦେବା ଓ ପାଇକ ଆଖଡ଼ାକୁ ବଂଚାଇ ରଖିବା ପାଇଁ ପାଇକ ଆଖଡ଼ା ସଂଘଗୁଡ଼ିକୁ ସରକାର ଗୃହ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବା ଉଚିତ୍। ଏଥିରେ ଖୋରଧା ବିକାଶ ମଂଚର ସଭାପତି ଆଇନଜୀବି ନରେନ୍ଦ୍ର ପୃଷ୍ଟି, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ମଜୁମ୍‌ଦାର, ଅଧାପକ ଗୋପାଳକୃଷ୍ଣ ଦାସ, ସଭାପତି ଶମ୍ଭୁନାଥ ସ୍ୱାଇଁ, ଯୋଗୀନାଥ ବଳିଆରସିଂହ, ବିଜୟ କୁମାର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାଇକ ଆଖଡ଼ା ସହ ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଇତିହାସ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଖୋରଧା ପାଇକ ଆଖଡ଼ା ସଂଘର ସମ୍ପାଦକ କବିରାଜ ପ୍ରଧାନଙ୍କ ଉଦ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ଉତ୍ସବର ପ୍ରାରମ୍ଭରେ ମା' ଅଁଳେଇଙ୍କ ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ପାଇକ ଆଖଡ଼ା ଦଳମାନେ ଏକ ମଶାଲ ଶୋଭାଯାତ୍ରା ସହ ପାଇକ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ ଓ ମହୋତ୍ସବ ମଂଚରେ ମଧ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିଥିଲେ।

## ଜ୍ୟୋତିର୍ବିଦ୍ ଶ୍ରୀପତି ଆଚାର୍ଯ୍ୟ ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ, ଆମେରିକା ଦ୍ୱାରା ସମ୍ମାନିତ

ଭୁବନେଶ୍ୱର (ପିଏନ୍) : ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଜଣେ ଉଚ୍ଚକୋଟୀର ଜ୍ୟୋତିର୍ବିଦ୍ ଏବଂ ବାସ୍ତୁଶାସ୍ତ୍ର ବିଶାରଦ ମଧ। ଜୀବନ କାଳରେ ନିଜର ମହାନ୍ ସାଧନା ଏବଂ ସଠିକ ଭବିଷ୍ୟତବାଣୀ ପାଇଁ ପୂର୍ବରୁ ଅନେକ ସମ୍ମାନର ଅଧିକାରୀ ହୋଇସାରିଛନ୍ତି। କିନ୍ତୁ ଏଥର ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ ଆମେରିକା ଦ୍ୱାରା ସମ୍ମାନିତ ହୋଇଛନ୍ତି। ମହାରାଷ୍ଟ୍ରର ନାଗପୁର ସହରରେ 'ଭାରତୀୟ ଅର୍ଥନୀତିର ଭବିଷ୍ୟତ' ଏବଂ 'ବୈଦିକ ଗଣିତ ଜ୍ୟୋତିଷ ଶାସ୍ତ୍ର କ୍ଷେତ୍ରରେ ବରାହମିହିର ଏବଂ ଆର୍ଯ୍ୟଭଟ୍ଟଙ୍କ ଭୂମିକା' ଶୀର୍ଷକ ଏକ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ 'ଆନ୍ତର୍ଜାତୀୟ ଜ୍ୟୋତିଷ ସର୍ବେକ୍ଷଣ ସଂଘ, ଆମେରିକା' ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ବିଶ୍ୱର ଅନେକ ଦେଶର ବରିଷ୍ଠ ଜ୍ୟୋର୍ତିବିଦ୍ ମାନେ ଉପସ୍ଥିତ ଥିଲେ। ଏହିଠାରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ ଏବଂ ସେହିଠାରେ ସ୍ଥାନୀୟ ଅତିଥି ଭାବେ ଏବଂ ଜ୍ୟୋତିଷ ବିଦ୍ୟା କ୍ଷେତ୍ରରେ ନିଜର ସାଧନା ପାଇଁ ତାଙ୍କୁ 'ବରାହ ମିହିର ଜ୍ୟୋତିଷ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି।

## ଝିଲିକ ମୋସନ ପିକଚର ଡ଼ବଲ ଧମାକା



ଖୋର୍ଦ୍ଧା। (ପିଏନ୍)-ଝିଲିକ ମୋସନ ପିକଚରର୍ସ ଦର୍ଶକଙ୍କ ପାଇଁ ଭେଟି ଦେବାକୁ ଯାଉଛି ଡ଼ବଲ ଧମାକା। ଗୋଟିଏ ଦିନରେ ଦୁଇଟି ଚଳଚିତ୍ରର ମହୁରତ କରିଛି ଝିଲିକ ମୋସନ ପିକଚରର୍ସ। ଦୁଇଟି ଯାକ ଚଳଚିତ୍ରର ଶୁଭ ମହୁରତ ଅନୁଷ୍ଠିତ ହୋଇଛି। ଏହି ଦୁଇଟି ସିନେମା ମଧରୁ ଗୋଟିଏର ନାଁ ରହିଛି ତୋର ମୋର କଟି ଓ ଅନ୍ୟଟିର ନାଁ ରହିଛି ପ୍ରିୟେ ତୁ ମୋର ସିଏ। ତୋର ମୋର କଟି ଚଳଚିତ୍ରରେ ମୁଖ୍ୟ ଭୂମିକାରେ ଓଲିଉଡ଼ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର ନଜର ଆସିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର, ଶିତଲ, ଟୁକୁନା ଷ୍ଟାଇଲିସ, ସୁଦିପ୍ତ କାଳିଆ ଷଣ୍ଢ, ଜୀବନ ପଣ୍ଡ, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ନଜର ଆସିବେ। ସେହିପରି ଦ୍ୱିତୀୟ ସିନେମା ପ୍ରିୟେ ତୁ ମୋର ସିଏରେ ଅମ୍ଲାନ ନାୟକ ଭୂମିକାରେ ନଜର ଆସିଥିବା ବେଳେ ଏଲିନା ଓ ବବି ମିଶ୍ର ମଧ ନଜର ଆସିବେ। ଏମାନଙ୍କ ସହ ସୋମା ଭୌମିକ ଅମର, ଗୁଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱିରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ରମେଶ ରାଉତ ତୋର ମୋର କଟି ଚଳଚିତ୍ରରେ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ। ସେହିଭଳି ପ୍ରିୟେ ତୁ ମୋର ସିଏ ଚଳିଚିତ୍ରରେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ଏଥିରେ ବୈଦ୍ୟନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଭୟ ଚଳଚିତ୍ରର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଅଭିନେତ୍ରୀରୁ ପ୍ରଯୋଜନାରେ ପାଦ ଥାପିଥିବା ଝିଲିକ ଭଟ୍ଟାଚାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ପ୍ରତିମା ଘଡ଼େଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଟୁଟୁ ନାୟକ, ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ସିଦ୍ଧାନ୍ତ ମହାପାତ୍ର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଝିଲିକ ମୋସନ ପିକଚର ବ୍ୟାନରେ ରୁଦ୍ରାଣି ଓ କିସିମିସ ସୁଂଟି ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଆଗାମୀ ରଥ ଯାତ୍ରାରେ ରୁଦ୍ରାଣି ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରି ସାରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୩**

## ଗୃହିଣୀ ଜାଣନ୍ତୁ

*ଅପର୍ଣ୍ଣା ନାୟକ*



- ଭେଣ୍ଡିକୁ ଧୋଇ ଫ୍ରିଜରେ ରଖନ୍ତୁ ନାହିଁ। ଏହାଦ୍ୱାରା ଭେଣ୍ଡି ଟାଣ ହୋଇଯାଏ।
- ତରକାରିରେ ଅଧିକ ହଳଦି ପଡ଼ିଗଲେ, ଲୁହା ଖଡ଼ିକା ଗରମ କରି ପକାଇ ଦିଅନ୍ତୁ। କଦଳୀ ପତ୍ର ଖଣ୍ଡେ କାଟି ପକାଇଦେଲେ ମଧ୍ୟ ହଳଦି ଟାଣିନିଏ।
- ଖିର ଛିଡ଼ିଯିବାର ଭୟ ଥିଲେ, ଟିକିଏ ଚିନି ପକାଇ ଫୁଟାନ୍ତୁ।
- ଚାଉଳ ବଡ଼ିରେ ଶୁଖିଲା ଲଙ୍କା ପକାଇଲେ ପୋକ ଲାଗେ ନାହିଁ।
- ତେଲ ଥଣ୍ଡା ଥିବା ଅବସ୍ଥାରେ ଲେମ୍ବୁରସ ପକାଇ ଗରମ କରି ପୁରି ଛାଣିଲେ ପୁରି ତେଲିଆ ଲାଗେନାହିଁ।
- ସାଲାଡ଼ ପାଇଁ କଦଳୀ କାଟି ରଖୁଥିଲେ, ଟିକିଏ ଲେମ୍ବୁ ରସ ପକାଇ ଦିଅନ୍ତୁ। ଏହାଦ୍ୱାରା କଦଳୀ କଳା ପଡ଼ିବ ନାହିଁ।
- ପିଆଜ କାଟିବା ବେଳେ ପାଖରେ ମହମବତି ଜଳାଇ ରଖିଲେ ଆଖି ପୋଡ଼େ ନାହିଁ।
- ପୋଷାକରେ ଚିୱିଂଗମ୍ ଲାଗିଥିଲେ ବରଫ ଘଷନ୍ତୁ ବାହାରିଯିବ।
- ନଡ଼ିଆ ଶୁଖି ଯାଇଥିଲେ ତାକୁ କୋରିବା ପୂର୍ବରୁ ଅଳ୍ପ ସମୟ ପାଣିରେ ପକାଇ ରଖନ୍ତୁ। ଏଥର କୋରନ୍ତୁ। କୋରିଲା ବେଳେ ନଡ଼ିଆ ଖୋଳରୁ ଛାଡ଼ିବ ନାହିଁ।
- ରସୁଣରୁ ଶୀଘ୍ର ଚୋପା ଛଡ଼ାଇବାକୁ ଚାହୁଁଥିଲେ ତାକୁ ଅଳ୍ପ ଉଷୁମ କରି ହାତରେ ଦାବ ଘଷି ଦିଅନ୍ତୁ। ଚୋପା ସହଜରେ ଏବଂ ଶୀଘ୍ର ଛାଡ଼ିଯିବ।
- ଯେ କୌଣସି ଭଜା ଭାଜିବା ପୂର୍ବରୁ ଆଗ ତେଲକୁ ଭଲ ଭାବେ ଗରମ କରି ହାଇଫ୍ଲେମରେ ଭାଜନ୍ତୁ। ଅଳ୍ପ ଭାଜି ହୋଇଗଲା ପରେ ଫ୍ଲେମ ସିମ୍ କରି ପରିବାରକୁ ସିଝିବାକୁ ଛାଡ଼ନ୍ତୁ। ପରିବା ଗୋଟାଗୋଟା ରହିବ ଏବଂ କଡ଼େଇରେ ତଳେ ଲାଗିବ ନାହିଁ।
- ସଜନା ଛୁଇଁକୁ ବେଶୀଦିନ ସତେଜ ରଖିବାକୁ ଚାହୁଁଥିଲେ ଅଳ୍ପ ଓଦାକନାରେ ବାନ୍ଧିକି ରଖନ୍ତୁ। ଏହା ବେଶୀଦିନ ସତେଜ ରହିବ।
- କଞ୍ଚା ପିଆଜକୁ ବାଟି କଷିବା ପାଇଁ ବେଶୀ ତେଲ ଆବଶ୍ୟକ ହୁଏ। ତେଣୁ କମ୍ ତେଲରେ ମସଲା କଷିବାକୁ ଚାହୁଁଥିଲେ ବାଟିବା ପୂର୍ବରୁ ପିଆଜକୁ ଅଳ୍ପ ପାଣିରେ ଶିଝାଇ ଦିଅନ୍ତୁ।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬*

## ରେଖା ପଞ୍ଚମୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଜି ହେଉଛି ପବିତ୍ର ରକ୍ଷା ପଞ୍ଚମୀ। ଏହି ଦିନ ଶ୍ରୀମନ୍ଦିରରେ ରେଖା ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥାଏ। ଓଡ଼ିଆ ଆଧ୍ୟାତ୍ମିକ ଓ ଜନ ଜୀବନ ଚେତନାରେ ରେଖା ପଞ୍ଚମୀର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ଏହି ଦିନ ଶ୍ରୀମନ୍ଦିର ରତ୍ନବେଦିରେ ଅଧିଷ୍ଠିତ ଶ୍ରୀବିଗ୍ରହଙ୍କୁ ରେଖା ପଞ୍ଚମୀ ଅବସରରେ ରାହୁ ରେଖା ଲାଗି ନୀତି ସଂପନ୍ନ ହୋଇଥାଏ। ଦଇତାପତି ସେବକ ଏହି ରେଖା ଲାଗି କରିଥାନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ଏବଂ ଭୋଗ ମଣ୍ଡପ ପରେ ପ୍ରଭୁଙ୍କ ରାହୁ ରେଖା ଲାଗି ନୀତି ପରମ୍ପରା ମୁତାବକ ଆରମ୍ଭ ହୋଇଥାଏ। ଭଣ୍ଡାର ମେକାପ ମଣତି କରି ତିନି ଠାକୁରଙ୍କ ସୁବର୍ଣ୍ଣ ରାହୁ ରେଖାକୁ ଆଣିଥାନ୍ତି। ରାହୁ ରେଖାକୁ ପତି ମହାପାତ୍ରାଙ୍କ ହାତରେ ଦେଇଥାନ୍ତି। ପତିମହାପାତ୍ର ରାହୁ ରେଖାକୁ ସଂସ୍କାର କରିବା ପରେ ଦଇତାପତିମାନେ ରାହୁ ରେଖା ଲାଗି କରିବାର ବିଧି ଅଛି। ତିନି ବାଡ଼ର ଦଇତାପତି ବାଡ଼ଗ୍ରାହୀଙ୍କ ଉପସ୍ଥିତିରେ ଦଇତାମାନେ ଏହି ସମୂହ ସେବାରେ ସାମିଲ ହୋଇଥାନ୍ତି। ଅଣବସର ଶୁଦ୍ଧ ସୁଆର ରତ୍ନ ସିଂହାସନ ତଳେ ଓଷ ତିଆରି କରି ଦଇତାଙ୍କୁ ବଢ଼ାଇଥାନ୍ତି। ତିନି ଠାକୁରଙ୍କୁ ଓଷ ଲାଗି ପରେ ସୁବର୍ଣ୍ଣ ରହୁ ରେଖାକୁ ତିନି ବାଡ଼ରେ ଲାଗି କରାଯାଇଥାଏ। ଠାକୁରଙ୍କ ଶ୍ରୀମୁଖରେ ରାହୁ ରେଖା ସ୍ଥାପନ ପରେ ପାଟ ଡୋରରେ ରାହୁରେଖାକୁ ସୁରକ୍ଷିତ କରାଯାଇଥାଏ। ପ୍ରଭୁଙ୍କ ରାହୁରେଖା ଶ୍ରୀମୁଖକୁ ଘେରି ଶୋଭା ପାଇଥାଏ। ରେଖା ପଞ୍ଚମୀ ଦିନ ଓଡ଼ିଶାର ବିଭିନ୍ନ ମଠ ମନ୍ଦିର ବିଶେଷକରି ଜଗନ୍ନାଥ ମନ୍ଦିର ଓ ବିଷ୍ଣୁ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ବିଷ୍ଣୁ ସହସ୍ରନାମ ପାଠ ହୋଇଥାଏ ଓ ନାରାୟଣ ସେବା ଅନୁଷ୍ଠିତ ସହିତ କେହି କେହି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଗରିବ ଲୋକମାନଙ୍କୁ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରିଥାନ୍ତି। ଏହି ଦିନରେ ଦାନ ଧର୍ମ କଲେ ଅଶେଷ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

## ଭୀମ ଭୋଇ : ଭଜରେ ଶ୍ରୀଗୁରୁପାଦ ନକରି ହେଳା



ଅଲେଖ ଚନ୍ଦ୍ର ସାମଲ

ଭୀମଭୋଇ ଉନବିଂଶ ଶତାବ୍ଦୀର ଶ୍ରେଷ୍ଠ କବିମାନଙ୍କ ମଧ୍ୟରୁ ଜଣେ। ତାଙ୍କର ଗୁରୁ ମହିମା ଗୋସାଇଁ। ମହିମା ଗୋସାଇଁଙ୍କ ଦ୍ୱାରା ପ୍ରବର୍ତ୍ତିତ ଓ ଭୀମଭୋଇଙ୍କ ଦ୍ୱାରା ପ୍ରଚାରିତ ଧର୍ମ ମହିମା ଧର୍ମ। ଅନେକଙ୍କ ମତରେ, ମହିମା ଏକ ଚେତନା, ଏକ ବିଚାର। ଭାବ ଓ ଗୁଣସୂତ୍ର ଦୃଷ୍ଟିରୁ ଏହା ମହତ୍ତ୍ୱ ଭାବ ଓ ଅନୁଭବର ପ୍ରତୀକ। ଏହି ଭାବରେ ପରିଣୀତ ମନୁଷ୍ୟ ସମଗ୍ର ଜଗତକୁ ଗୋଟିଏ ଘର ମଣେ। ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ସମସ୍ତେ ଏ ଘରର ସଦସ୍ୟ।

ଭୀମଭୋଇ ଏ ଧର୍ମର ଶ୍ରେଷ୍ଠ ପ୍ରଚାରକ। ସେ ଅସାଧାରଣ କବି ପ୍ରତିଭାର ଅଧିକାରୀ। ଗୁରୁଙ୍କ ଚେତନାକୁ ସେ ତାଙ୍କ କବିତା ବା ଗୀତରେ କହିଛନ୍ତି। ସେ ଚେତନା ହେଉଛି ମହିମା ବା ପରଂବ୍ରହ୍ମ ଚେତନା। ଏଣୁ ସେଇ ଗୁରୁ ହିଁ ତାଙ୍କ ପାଇଁ ଭଗବାନ। ତାଙ୍କ ପାଦପଦ୍ମରେ ଭଜନ ବା ବନ୍ଦନା ହିଁ ପରମ କର୍ତ୍ତବ୍ୟ। କିନ୍ତୁ ଏ ସଂସାରରେ ମନୁଷ୍ୟ ଗୁରୁପାଦ ବନ୍ଦନା ଓ ଗୁରୁପାଦ ଭଜନରେ ହେଳା କରେ। କିପରି ଭାବରେ ସେ ଏହି ହେଳା କରେ ତାହା ଏହି ଭଜନରେ ଭୀମଭୋଇ କହିଛନ୍ତି। ଏହି ଭଜନ ଅନୁସାରେ ସନ୍ତାନଟିଏ ମାତାର ଗର୍ଭରେ ଦଶ ମାସ ରହେ। ଗର୍ଭରେ ସ୍ଥିତ ହେବାର ପ୍ରଥମ ଦିନରୁ ଦଶମାସ ଯାଏ ସେ ବ୍ରହ୍ମଙ୍କୁ ଧ୍ୟାନ କରୁଥାଏ। କିନ୍ତୁ ଏହି ମର୍ତ୍ତ୍ୟମଣ୍ଡଳରେ ଜାତ ହେବା ମାତ୍ରେ କୁଆଁ କୁଆଁ ରାବ ଦେଇ, ସେ ତାର ଜନ୍ମର ହେତୁକୁ ପାସୋରି ଦିଏ। ମାତା ତାକୁ କ୍ଷୀରପାନ କରାନ୍ତି ଏବଂ ବାଳକ ସ୍ୱଭାବରେ ସେ କୌତୁକରେ ଶୈଶବ ବିତାଇଦିଏ। କ୍ରମେ ସେ ଦ୍ୱିତୀୟ ଅବସ୍ଥାରେ ପଦାର୍ପଣ କରେ। ଯୁବକ ହୋଇ ଯୁବତୀ ପତ୍ନୀ ସହ କାମକ୍ରୀଡ଼ାରେ ନିମଜ୍ଜିତ ହୁଏ ଏବଂ ଗୁରୁପାଦ ଛାଡ଼ି ମାୟା ମୋହରେ ପଡ଼େ। ଏହାପରେ ଆସେ ତୃତୀୟାବସ୍ଥା। ନିରଞ୍ଜନ ବା ପରଂବ୍ରହ୍ମଙ୍କୁ ନ ଭଜି ସେ କ୍ରୋଧ, ହିଂସା ଆଦି ତମୋଭାବରେ ମଜ୍ଜିଯାଏ। ସୁତ ଓ ବିତ୍ତ ଚିନ୍ତାରେ ମନ ତାର ନିମଜ୍ଜିତ ରହେ।

ତାହାପରେ ଆସେ ଚତୁର୍ଥାବସ୍ଥା। ଏହି ବୃଦ୍ଧାବସ୍ଥାରେ ଦେହଭାଗର ଇତି ଘଟେ। ଅସ୍ଥିଚର୍ମ ଏକାକାର ହୁଏ। କିନ୍ତୁ ତଥାପି ବି ସେ ଗୁରୁ ପାଦପଦ୍ମରେ ଭଜନ କରେ ନାହିଁ। ପରିଶେଷରେ ତାର ପ୍ରାଣବାୟୁ ଉଡ଼ିଯାଏ। ଏଣୁ ଏହି ଭଜନରେ ଭୀମଭୋଇ କହିଛନ୍ତି – ଆମେ ଗୁରୁପାଦ ଭଜନରେ ହେଳା କରିବା ଅନୁଚିତ। ଏଥିରେ ହେଳା କଲେ ଭେଳା ବୁଡ଼ିବ। ପରଂବ୍ରହ୍ମଙ୍କ ପ୍ରାପ୍ତି ହେବନାହିଁ।

*ପୂର୍ବତନ ଡିଏଫ୍‌ଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଶ୍ରୀକୃଷ୍ଣଙ୍କ ଜୀବନପଥରେ ଛଅଟି ଜାଗା

**ହେମନ୍ତ କୁମାର ପରିଡ଼ା**

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଯଶୋଦାଙ୍କର ଲାଲା ଏବଂ ଜଗତରନାଥ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମ ଦିବସ ଜନ୍ମାଷ୍ଟମୀ ପାଳନ ତିଥି କରାଯିବ। କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ ଭାଗବତ ପୁରାଣରେ ପ୍ରଭୁଙ୍କ ଜନ୍ମ ଠାରୁ ଆରମ୍ଭ କରି ଦ୍ୱାପର ଯୁଗରେ ସେ ଯେଉଁ ସବୁ ଲୀଳା ପ୍ରଦର୍ଶନ କରିଥିଲେ ତାହାର ସୁନ୍ଦର ବର୍ଣ୍ଣନା କରିଯାଇଛନ୍ତି। ଶ୍ରୀକୃଷ୍ଣଙ୍କ ସହିତ ଆଠ ସଂଖ୍ୟାର ଘନିଷ୍ଠ ସଂପର୍କ ଥିବାର ଦେଖାଯାଏ। ପ୍ରଭୁଙ୍କ ଜନ୍ମ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ, ଦେବକୀଙ୍କର ଅଷ୍ଟମଗର୍ଭରେ ସେ ଧରାପୃଷ୍ଠକୁ ଆସିଲେ, କୁରୁକ୍ଷେତ୍ରରେ ଅଠର ଅକ୍ଷୌହିଣୀ ସୈନ୍ୟଙ୍କ ମଧ୍ୟରେ ସଖା ଅର୍ଜ୍ଜୁନଙ୍କୁ ସେ ଅଠର ଅଧ୍ୟାୟର ଗୀତା ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ଦ୍ୱାରା ରଚିତ ମହାଭାରତ ଯୁଦ୍ଧ ଅଠର ଦିନ ପର୍ଯ୍ୟନ୍ତ ଚାଲିଥିଲା।

ଅବତାର ଗ୍ରହଣ କରି ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠରେ ବିଭିନ୍ନ ସ୍ଥାନରେ ତାଙ୍କ ଲୀଳାଖେଳା ରଚିଥିଲେ। ସେଥିମଧ୍ୟରୁ ୭ଟି ସ୍ଥାନ ସମ୍ପର୍କରେ... ମଥୁରା : ଏହା ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥଳୀ। ଏଠାରେ କଂସର କାରାଗାର ମଧ୍ୟରେ ପ୍ରଭୁଙ୍କ ଜନ୍ମ ହୋଇଥିଲା। ଏବେ କିନ୍ତୁ କାରାଗାର ନାହିଁ। ଏଠାରେ ଏକ ଘରେ ବଡ଼ ପିଣ୍ଡି ନିର୍ମାଣ କରାଯାଇଛି। କୁହାଯାଏ ଏହି ପିଣ୍ଡି ସେହି ସ୍ଥାନରେ ନିର୍ମାଣ କରାଯାଇଛି ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ଧରାପୃଷ୍ଠରେ ପାଦ ଥାପିଥିଲେ। ଶ୍ରଦ୍ଧାଳୁମାନେ ଏହି ପିଣ୍ଡିରେ ମଥା ଲଗାଇ ପ୍ରଣାମ ପୂର୍ବକ ପ୍ରଭୁଙ୍କ କୃପା ପିକ୍ଷା କରିଥାନ୍ତି।

ନନ୍ଦ ଗାଁରେ ନନ୍ଦରାଜା ମନ୍ଦିର : ନନ୍ଦଗାଁରେ ରହିଛି ନନ୍ଦରାଜାଙ୍କ ମନ୍ଦିର। କଂସ ଭୟରେ ବସୁଦେବ ଶ୍ରୀକୃଷ୍ଣଙ୍କୁ ମାତା ଯଶୋଦାଙ୍କ କୋଳରେ ଛାଡ଼ି ଦେଇଥିଲେ। ଏଠାରେ ଶ୍ରୀକୃଷ୍ଣ ତାଙ୍କ ବାଲ୍ୟ ଜୀବନ କଟାଇଥିଲେ। ଏହି ସ୍ଥାନରେ ଏକ ସୁନ୍ଦର ମନ୍ଦିର ନିର୍ମାଣ ହୋଇଛି ଓ ମନ୍ଦିର ପାଖରେ ଏକ ପବିତ୍ର ସରୋବରରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ସ୍ନାନ କରାଇଥିଲେ।

କୁରୁକ୍ଷେତ୍ରରେ ଭଦ୍ରକାଳୀ ମନ୍ଦିର : ହରିୟାନାର କୁରୁକ୍ଷେତ୍ରରେ ଶୋଭାପାଉଛି ଭଦ୍ରକାଳୀ ମନ୍ଦିର। ଏହି ମନ୍ଦିରରେ ଶ୍ରୀକୃଷ୍ଣ ଓ ବଳରାମ ଲଣ୍ଡା ହୋଇଥିଲେ। ଏଠାରେ ଏବେ ବି ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ରହିଛି। ଏଠାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଓ ଗାଈର ଖୁରା ଚିହ୍ନ ପୂଜା ହେଉଛି।

ସନ୍ଦିପନା ଆଶ୍ରମ : ମଧ୍ୟପ୍ରଦେଶ ଉଜ୍ଜୟିନୀ ପାଖରେ ଥିବା ସନ୍ଦିପନୀ ଆଶ୍ରମରେ ଶ୍ରୀକୃଷ୍ଣ, ବଳରାମ ଓ ସୁଦାମା ଗୁରୁ ସନ୍ଦୀପନୀଙ୍କ ଠାରୁ ଶିକ୍ଷା ଲାଭ କରିଥିଲେ। ଭଗବାନ ପର୍ଶୁରାମଙ୍କ ଠାରୁ ଶ୍ରୀକୃଷ୍ଣ ଏଠାରେ ସୁଦର୍ଶନଚକ୍ର ପ୍ରାପ୍ତ ହୋଇଥିଲେ। ଏବେ ଏଠାରେ ଶ୍ରୀକୃଷ୍ଣ ମନ୍ଦିରରେ ବଳରାମ ଓ ସନ୍ଦିପନା ପୂଜା ପାଉଛନ୍ତି। ଦ୍ୱାରିକାନାଥ ମନ୍ଦିର : ଗୁଜୁରାଟସ୍ଥିତ ଦ୍ୱାରିକାନାଥ ମନ୍ଦିର ସ୍ଥଳରେ ଶ୍ରୀକୃଷ୍ଣ ତାଙ୍କ ନଗର ସ୍ଥାପନ କରିଥିଲେ। ଏହି ମନ୍ଦିରକୁ ଶ୍ରୀକୃଷ୍ଣଙ୍କ ରାଜମହଲ ବୋଲି କୁହାଯାଏ।

ଜ୍ୟୋତିସର ତୀର୍ଥ : କୁରୁକ୍ଷେତ୍ରରେ ଜ୍ୟୋତିସର ତୀର୍ଥରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରିଥିଲେ। ଏହି ଜ୍ୟୋତିସର ତୀର୍ଥକୁ ଗୀତା ଉପଦେଶ ସ୍ଥଳ ବି କୁହାଯାଏ। ଏବେ ଏଠାରେ ଥିବା ଅଶ୍ୱତଥ୍ ବୃକ୍ଷ ମୂଳରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତା ଜ୍ଞାନ ଦେଉଥିଲେ।

ମର୍ତ୍ତ୍ୟରେ ମଣିଷ ଜନ୍ମ ହେଉଛି ଶ୍ରେଷ୍ଠ ଜନ୍ମ। କାରଣ ଏହି ଜନ୍ମରେ ମଣିଷ ଯଦି ନିଷ୍କାମ ମନ ନେଇ ସତ୍‌କର୍ମ କରେ ତେବେ ତାହାର ପ୍ରାରବ୍ଧ ଏବଂ ଅପ୍ରାରବ୍ଧ ସମାନ ହୋଇଯାଏ ଏବଂ ସେ ମୃତ୍ୟୁଚକ୍ରରୁ ମୁକ୍ତ ହୋଇ ପରଂବ୍ରହ୍ମରେ ଲୀନ ହୋଇଯାଏ। କାମନା ରଖି ସତ୍‌କର୍ମ କଲେ ସେ ଦେବଲୋକରେ ଜନ୍ମ ନିଏ ଏବଂ କୁକର୍ମ କଲେ ହୀନ ଯୋନିରେ ଜନ୍ମ ଲାଭ କରେ। ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ପରଂବ୍ରହ୍ମରେ ଲୀନ ହୋଇଯିବା। ଏହା ବ୍ୟତୀତ ଆଉ ଯେଉଁ ସବୁ ଲକ୍ଷ୍ୟ ପଛରେ ମନୁଷ୍ୟ ଧାଇଁଥାଏ ତାହା ହେଉଛି ମାୟା। ପରଂବ୍ରହ୍ମକୁ ପ୍ରାପ୍ତି ନିମନ୍ତେ ଆଧ୍ୟାତ୍ମିକ ମାର୍ଗରେ ଗତି କରିବାକୁ ହୋଇଥାଏ ଏବଂ ଏହି ମାର୍ଗ ଅତି କଠିନ। ଏହି ପରଂବ୍ରହ୍ମଙ୍କ ସଜ୍ଞା ସଂପର୍କରେ ବେଦ ନୀରବ। ଶାସ୍ତ୍ର ଦ୍ୱାରା ଏହାକୁ ଲାଭ କରାଯାଇପାରିବ ନାହିଁ। କେବଳ ପ୍ରେମ ଦ୍ୱାରା ପରଂବ୍ରହ୍ମ ପ୍ରାପ୍ତି ସହଜ ବୋଲି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ମାର୍ଗ ଦେଖାଇ ଦେଇଛନ୍ତି। ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ।

ଏହାବାଦ ଶ୍ରୀକୃଷ୍ଣ ଅବତାରର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଭଗବତ୍ ଗୀତା। ମାନବ ଜାତିର ସାହିତ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରକୁ ଭଗବତ ଗୀତା ହେଉଛି ପ୍ରଭୁଙ୍କର ସର୍ବଶ୍ରେଷ୍ଠ ଅବଦାନ। ମାନବର ସବୁ ଯନ୍ତ୍ରଣାର ମୂଳରେ ରହିଛି କାମନା। ସବୁ ଯୁଗରେ ମଣିଷ ମଧ୍ୟରେ ଏହି ମୌଳିକ ଗୁଣଟି ରହିଆସିଛି। ଧନ, ସଂପଦ, କ୍ଷମତା, ନାମ, ଯଶ, ସୌନ୍ଦର୍ଯ୍ୟ ଏବଂ ଶକ୍ତି ହାସଲ କରିବାକୁ ଧାଇଁବା ହେଉଛି ମଣିଷର ଏକ ସାଧାରଣ ଗୁଣ। ଭଗବତ ଗୀତାରେ ଶ୍ରୀକୃଷ୍ଣ କିନ୍ତୁ ଏହି ସବୁ ମନୋଲୋଭାକାରୀ ଗୁଣ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଏହା ପଛରେ ଧାଇଁଲେ ଯେଉଁ ଫଳ ମିଳେ ତାହା କ୍ଷଣସ୍ଥାୟୀ ଏବଂ ବାରମ୍ବାର ଏହା ବ୍ୟକ୍ତିକୁ ସଂସାର ଚକ୍ରକୁ ଟାଣିଆଣେ। କେବଳ ନିଷ୍କାମ ଭାବେ କର୍ମ କରିଗଲେ ସଂସାର ଚକ୍ରରୁ ମୁକ୍ତି ମିଳେ ବୋଲି ଭଗବତ ଗୀତା ମାଧ୍ୟମରେ ସାରା ସଂସାରକୁ ସେ ବାର୍ତ୍ତା ଦେଇଯାଇଛନ୍ତି। ନରଲୋକରେ ଜନ୍ମ ହେବା ଫଳରେ ପ୍ରଭୁଙ୍କୁ କର୍ମଫଳ ଭୋଗ କରିବାକୁ ପଡ଼ିଛି। ଧର୍ମ ସଂସ୍ଥାପନ ନିମନ୍ତେ ତାଙ୍କୁ ଅନେକଙ୍କୁ ନିଧନ କରିବାକୁ ପଡ଼ିଛି। ଜନ୍ମାଷ୍ଟମୀରେ ନାମ ଜପ ସହିତ ଅନ୍ନଦାନ କଲେ ମହାପୁଣ୍ୟ ଲାଭ ହୋଇଥାଏ। କଳିଯୁଗରେ ନାମ ଯଜ୍ଞ ଏବଂ ଅନ୍ନଦାନ ହେଉଛି ପରମାତ୍ମାଙ୍କୁ ଲାଭ କରିବା ନିମନ୍ତେ ଶ୍ରେଷ୍ଠ ମାର୍ଗ ବୋଲି ଚୈତନ୍ୟ ଦେବ, ରାମକୃଷ୍ଣ ପରମହଂସ, ସ୍ୱାମୀ ଶିବାନନ୍ଦ, ପରମହଂସ ପ୍ରଜ୍ଞାନନ୍ଦ, ଶିରିଡ଼ି ସାଇବାବାଙ୍କ ସମେତ ବହୁ ସନ୍ଥ ଓ ସାଧୁ ପରାମର୍ଶ ଦେଇଯାଇଛନ୍ତି। ସାଂପ୍ରତିକ ସମାଜ ଧର୍ମ, ଜାତି ଏବଂ ରାଜନୀତିକୁ କେନ୍ଦ୍ରକରି ଭାଗ ଭାଗ ହୋଇଯାଉଥିବା ବେଳେ ଏହାର ପରିବର୍ତ୍ତନ ନିମନ୍ତେ ଶିରିଡ଼ି ସାଇବାବାଙ୍କ ଶ୍ରଦ୍ଧା, ସହିଷ୍ଣୁତା ଏବଂ ଧୈର୍ଯ୍ୟ ବାର୍ତ୍ତା ପ୍ରଚାରର ଆବଶ୍ୟକତା ଦେଖାଦେଇଛି। କାରଣ କେବଳ ଏହି ବାର୍ତ୍ତା ହିଁ ମାନବ ସମାଜକୁ ରକ୍ଷା କରିବାରେ ସାହାଯ୍ୟ କରିବ ଆଉ ସବୁ ମିଛ।

*ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,*
*ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ*
*: ୮୭୬୩୧୦୭୧୨୬*

# କୃଷ୍ଣ ଜନ୍ମାଷ୍ଟମୀ ଓ ଶ୍ରୀ ଶ୍ରୀ ଗୌର-ନିତାଇ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାପ୍ରଭୁ ବିଷ୍ଣୁଙ୍କ ଅନ୍ୟତମ ଅବତାର କୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ପାଳନ କରିଥାନ୍ତି କୃଷ୍ଣ ଜନ୍ମାଷ୍ଟମୀ ଭାବେ । ଏହାକୁ ସ୍ଥାନବିଶେଷରେ 'କୃଷ୍ଣାଷ୍ଟମୀ', 'ସତମ୍ ଅଥମ୍', 'ଗୋକୁଳାଷ୍ଟମୀ', 'ଅଷ୍ଟମୀ ରୋହିଣୀ', 'ଶ୍ରୀକୃଷ୍ଣ ଜୟନ୍ତୀ' ମଧ୍ୟ କୁହାଯାଇଥାଏ । ହିନ୍ଦୁ ପରମ୍ପରା ଅନୁଯାୟୀ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ଏହା ପାଳିତ ହୋଇଥାଏ ଯେତେବେଳେ ରୋହିଣୀ ନକ୍ଷତ୍ର ଉର୍ଦ୍ଧ୍ୱଗାମୀ ହେଉଥାଏ । ଜନ୍ମାଷ୍ଟମୀ ବ୍ରତ ପାଳନ କରୁଥିବା ଭକ୍ତ-ଶ୍ରଦ୍ଧାଳୁ ସପ୍ତମୀ ଦିନରୁ ଉପବାସ ରଖିବା ବିଧି । ମଧ୍ୟରାତ୍ରରେ କୃଷ୍ଣ ପ୍ରତିମାଙ୍କୁ ସ୍ନାନ ଓ ନବ-ବସ୍ତ୍ର ପରିଧାନପୂର୍ବକ ଖଟୁଲିରେ ଉପବିଷ୍ଟ କରାଇ ଆଳତି ପରେ ଯାଇ ଉପବାସ ଭଙ୍ଗ କରାଯାଇପାରେ । ବୈଷ୍ଣବମାନେ ଆଳତି ପୂର୍ବରୁ ପାଣି-ବୁନ୍ଦା ସୁଦ୍ଧା ଗ୍ରହଣ କରନ୍ତି ନାହିଁ । ଜନ୍ମାଷ୍ଟମୀ ଅବସରରେ ଗଅହିଣୀମାନେ ଚାଉଳ-ଚୂନା ବ୍ୟବହାର ପୂର୍ବକ ସ୍ୱଗୃହର ମୁଖ୍ୟ ଦ୍ୱାରଦେଶରେ କୁନି କୁନି ଶ୍ରୀଚରଣ ଅଙ୍କନ କରିଥାନ୍ତି । ଏହାକୁ ଉତ୍ତର ଭାରତରେ ରଙ୍ଗୋଲି ଏବଂ ଦକ୍ଷିଣ ଭାରତରେ କୋଲାମ୍ କୁହାଯାଏ । ବାସୁଦେବ ସଦ୍ୟଜାତ କୃଷ୍ଣଙ୍କୁ ସ୍ୱଗୃହକୁ ଆଣିଥାକୁ ନେଇ ଏହି ପରମ୍ପରା । ମୁମ୍ବାଇ ଏବଂ ପୁନେରେ ଜନ୍ମାଷ୍ଟମୀରେ ଦହି ହାଣ୍ଡି ଭାଙ୍ଗିବା ପରମ୍ପରା । ମାଟି ହାଣ୍ଡିରେ ଘୋଳଦହି ରଖି ବାଉଁଶ ଏବଂ ରଶି ଦ୍ୱାରା ବେଶ୍ କିଛି ଉଚ୍ଚତାରେ ଝୁଲାଇ ଦିଆଯାଏ । ମଣିଷ-ପିରାମିଡ଼ ଗଠନ କରି ଏହାକୁ ଭାଙ୍ଗିବା ପାଇଁ ସେଠାରେ ପ୍ରତିଯୋଗିତା ଚାଲେ । ପୁଣି ଏହି ଅବସରରେ ମଥୁରା, ବୃନ୍ଦାବନ ଓ ମଣିପୁରରେ ଅନୁଷ୍ଠିତ ହୁଏ ରାସଲୀଳା ।

ଗୌଡ଼ୀୟ ବୈଷ୍ଣବ ଧର୍ମର ଆଦ୍ୟ ପ୍ରବର୍ତ୍ତକ ତଥା ପ୍ରଚାରକ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରାଚୀନ ମନ୍ଦିର, ବାଲେଶ୍ୱର ଜିଲ୍ଲା ସୋରୋ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରେ ଅବସ୍ଥିତ। ଶ୍ରୀ ଗୌରାଙ୍ଗ ଓ ଶ୍ରୀନିତ୍ୟାନନ୍ଦଙ୍କ ଅତି ସୁଠାମ ସାବଲୀଳା ଦାରୁମୂର୍ତ୍ତି ମନ୍ଦିରରେ ପୂଜା ପାଉଛନ୍ତି। ମଙ୍ଗଳପୁର ଗଡ଼ରାଜ୍ୟର ତତ୍‌କାଳୀନ ରାଜା ଏବଂ ଜମିଦାରଙ୍କ ପୃଷ୍ଠପୋଷକତାରେ ମନ୍ଦିରଟି ନିର୍ମିତ ହୋଇଥିବା ଜଣାଯାଏ। ଆଣ୍ଠୁଆ ଗୋପାଳ, ରାଧାକୃଷ୍ଣ, ଶାଳଗ୍ରାମ ଆଦି ପାର୍ଶ୍ୱ ଦେବଦେବୀ ଭାବେ ଆସୀନ। ଶ୍ରୀମନ୍ଦିର ଶୈଳୀରେ ଭୋଗମଣ୍ଡପ, ଜଗମୋହନ, ନାଟମନ୍ଦିର ଆଦି ରହିଛି। ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ଶ୍ରୀଚୈତନ୍ୟ ସନ୍ନ୍ୟାସ ହେବା ପରେ ନଦୀୟାରୁ ଶ୍ରୀକ୍ଷେତ୍ର ଅଭିମୁଖେ ପଦଯାତ୍ରା କରିଥିଲେ। ଏହି ସମୟରେ ସେ କିଛି କାଳ ମଙ୍ଗଳପୁର ଗଡ଼ରାଜ୍ୟର ତତ୍‌କାଳୀନ ଭୂୟାଁ ରାଜାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ। ସର୍ବଦା କୃଷ୍ଣ ପ୍ରେମରେ ବିଭୋର ଶ୍ରୀଚୈତନ୍ୟ ମଙ୍ଗଳପୁର ପରିତ୍ୟାଗ ପୂର୍ବରୁ ତାଙ୍କର କାଷ୍ଠ ପାଦୁକା ଏଠାରେ ଛାଡ଼ି ଚାଲିଯାଇଥିଲେ। ଏବେ ତାହା ବୃନ୍ଦାବନରେ ପୂଜା ପାଉଛି। ତେବେ, ପରବର୍ତ୍ତୀ କାଳରେ ଏହି ସ୍ଥାନ ଗୌଡ଼ୀୟ ବୈଷ୍ଣବ ଧର୍ମର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିଲା।

ମର୍ତ୍ତ୍ୟରେ ମଣିଷ ଜନ୍ମ ହେଉଛି ଶ୍ରେଷ୍ଠ ଜନ୍ମ। କାରଣ ଏହି ଜନ୍ମରେ ମଣିଷ ଯଦି ନିଷ୍କାମ ମନ ନେଇ ସତ୍‌କର୍ମ କରେ ତେବେ ତାହାର ପ୍ରାରବ୍ଧ ଏବଂ ଅପ୍ରାରବ୍ଧ ସମାନ ହୋଇଯାଏ ଏବଂ ସେ ମୃତ୍ୟୁଚକ୍ରରୁ ମୁକ୍ତ ହୋଇ ପରଂବ୍ରହ୍ମରେ ଲୀନ ହୋଇଯାଏ। କାମନା ରଖି ସତ୍‌କର୍ମ କଲେ ସେ ଦେବଲୋକରେ ଜନ୍ମ ନିଏ ଏବଂ କୁକର୍ମ କଲେ ହୀନ ଯୋନିରେ ଜନ୍ମ ଲାଭ କରେ। ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ପରଂବ୍ରହ୍ମରେ ଲୀନ ହୋଇଯିବା। ଏହା ବ୍ୟତୀତ ଆଉ ଯେଉଁ ସବୁ ଲକ୍ଷ୍ୟ ପଛରେ ମନୁଷ୍ୟ ଧାଇଁଥାଏ ତାହା ହେଉଛି ମାୟା। ପରଂବ୍ରହ୍ମକୁ ପ୍ରାପ୍ତି ନିମନ୍ତେ ଆଧ୍ୟାତ୍ମିକ ମାର୍ଗରେ ଗତି କରିବାକୁ ହୋଇଥାଏ ଏବଂ ଏହି ମାର୍ଗ ଅତି କଠିନ। ଏହି ପରଂବ୍ରହ୍ମଙ୍କ ସଜ୍ଞା ସଂପର୍କରେ ବେଦ ନୀରବ। ଶାସ୍ତ୍ର ଦ୍ୱାରା ଏହାକୁ ଲାଭ କରାଯାଇପାରିବ ନାହିଁ। କେବଳ ପ୍ରେମ ଦ୍ୱାରା ପରଂବ୍ରହ୍ମ ପ୍ରାପ୍ତି ସହଜ ବୋଲି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ମାର୍ଗ ଦେଖାଇ ଦେଇଛନ୍ତି। ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ।

ମର୍ତ୍ତ୍ୟରେ ମଣିଷ ଜନ୍ମ ହେଉଛି ଶ୍ରେଷ୍ଠ ଜନ୍ମ। କାରଣ ଏହି ଜନ୍ମରେ ମଣିଷ ଯଦି ନିଷ୍କାମ ମନ ନେଇ ସତ୍‌କର୍ମ କରେ ତେବେ ତାହାର ପ୍ରାରବ୍ଧ ଏବଂ ଅପ୍ରାରବ୍ଧ ସମାନ ହୋଇଯାଏ ଏବଂ ସେ ମୃତ୍ୟୁଚକ୍ରରୁ ମୁକ୍ତ ହୋଇ ପରଂବ୍ରହ୍ମରେ ଲୀନ ହୋଇଯାଏ। କାମନା ରଖି ସତ୍‌କର୍ମ କଲେ ସେ ଦେବଲୋକରେ ଜନ୍ମ ନିଏ ଏବଂ କୁକର୍ମ କଲେ ହୀନ ଯୋନିରେ ଜନ୍ମ ଲାଭ କରେ। ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ପରଂବ୍ରହ୍ମରେ ଲୀନ ହୋଇଯିବା। ଏହା ବ୍ୟତୀତ ଆଉ ଯେଉଁ ସବୁ ଲକ୍ଷ୍ୟ ପଛରେ ମନୁଷ୍ୟ ଧାଇଁଥାଏ ତାହା ହେଉଛି ମାୟା। ପରଂବ୍ରହ୍ମକୁ ପ୍ରାପ୍ତି ନିମନ୍ତେ ଆଧ୍ୟାତ୍ମିକ ମାର୍ଗରେ ଗତି କରିବାକୁ ହୋଇଥାଏ ଏବଂ ଏହି ମାର୍ଗ ଅତି କଠିନ। ଏହି ପରଂବ୍ରହ୍ମଙ୍କ ସଜ୍ଞା ସଂପର୍କରେ ବେଦ ନୀରବ। ଶାସ୍ତ୍ର ଦ୍ୱାରା ଏହାକୁ ଲାଭ କରାଯାଇପାରିବ ନାହିଁ। କେବଳ ପ୍ରେମ ଦ୍ୱାରା ପରଂବ୍ରହ୍ମ ପ୍ରାପ୍ତି ସହଜ ବୋଲି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ମାର୍ଗ ଦେଖାଇ ଦେଇଛନ୍ତି। ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ।

ଏହାବାଦ ଶ୍ରୀକୃଷ୍ଣ ଅବତାରର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଭଗବତ୍ ଗୀତା। ମାନବ ଜାତିର ସାହିତ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରକୁ ଭଗବତ ଗୀତା ହେଉଛି ପ୍ରଭୁଙ୍କର ସର୍ବଶ୍ରେଷ୍ଠ ଅବଦାନ। ମାନବର ସବୁ ଯନ୍ତ୍ରଣାର ମୂଳରେ ରହିଛି କାମନା। ସବୁ ଯୁଗରେ ମଣିଷ ମଧ୍ୟରେ ଏହି ମୌଳିକ ଗୁଣଟି ରହିଆସିଛି। ଧନ, ସଂପଦ, କ୍ଷମତା, ନାମ, ଯଶ, ସୌନ୍ଦର୍ଯ୍ୟ ଏବଂ ଶକ୍ତି ହାସଲ କରିବାକୁ ଧାଇଁବା ହେଉଛି ମଣିଷର ଏକ ସାଧାରଣ ଗୁଣ। ଭଗବତ ଗୀତାରେ ଶ୍ରୀକୃଷ୍ଣ କିନ୍ତୁ ଏହି ସବୁ ମନୋଲୋଭାକାରୀ ଗୁଣ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଏହା ପଛରେ ଧାଇଁଲେ ଯେଉଁ ଫଳ ମିଳେ ତାହା କ୍ଷଣସ୍ଥାୟୀ ଏବଂ ବାରମ୍ବାର ଏହା ବ୍ୟକ୍ତିକୁ ସଂସାର ଚକ୍ରକୁ ଟାଣିଆଣେ। କେବଳ ନିଷ୍କାମ ଭାବେ କର୍ମ କରିଗଲେ ସଂସାର ଚକ୍ରରୁ ମୁକ୍ତି ମିଳେ ବୋଲି ଭଗବତ ଗୀତା ମାଧ୍ୟମରେ ସାରା ସଂସାରକୁ ସେ ବାର୍ତ୍ତା ଦେଇଯାଇଛନ୍ତି।

*ସହପ୍ରତିରଦ୍ଧିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# 'ହୁ'ର ସ୍ୱାସ୍ଥ୍ୟ ସତର୍କତା ଓ ମଙ୍କିପକ୍ସ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ମୌସୁମୀ ବର୍ଷାର ପ୍ରକୋପ ଭିତରେ କରୋନା ପରବର୍ତ୍ତୀ ସମୟରେ ନୂଆ ନୂଆ ରୂପରେ ନୂଆ ଭାରିଆଣ୍ଟ ସବୁ ସେମାନଙ୍କ କାୟା ଦେଖାଇଲେଣି। ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆଲୋଚନା କୁହାଯାଉଥିବା ରୋଗଟି ହେଉଛି ମଙ୍କିପକ୍ସ। ବାସ୍ତବରେ ମଙ୍କିପକ୍ସର ଲକ୍ଷଣଟି ହେଉଛି ଚିକେନ ପକ୍ସ ଓ ହାଡ଼ଫୁଟି ଭଳି ଏଥିରେ ଆକ୍ରାନ୍ତ ହେଲେ ଶରୀରରେ ନାଲି ଦାଗ ସହିତ ସେହି ସ୍ଥାନ ଫୁଲିଯାଇଥାଏ। ଫଳରେ ଅନେକ ମାତ୍ରାରେ ଦରଜ ହୋଇଥାଏ। ତେବେ ଆଫ୍ରିକା ଦେଶରୁ ବିଶ୍ୱର ବିଭିନ୍ନ ଦେଶକୁ ଏକ ପ୍ରକାର ସଂକ୍ରାମକ ଭାବେ ବ୍ୟାପୁଥିବା ମାରାତ୍ମକ ମଙ୍କିପକ୍ସର ଆତଙ୍କ ସମସ୍ତଙ୍କ ଭିତରେ ଭୟ ସୃଷ୍ଟି କରିଛି। ବିଶେଷକରି ଭାରତରେ ଏହି ଆତଙ୍କ ଦେଖାଦେବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୀମାନ୍ତବର୍ତ୍ତୀ ଅଞ୍ଚଳ ଓ ବିମାନ ବନ୍ଦର ସମେତ ବଡ଼ ବଡ଼ ସହର ପାଇଁ ଗାଇଡ଼ ଲାଇନ ଜାରି କରିଛନ୍ତି। ତେବେ ଏଯାବତ୍ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ କୌଣସି ସ୍ୱତନ୍ତ୍ର ସୂଚନା ଆସିନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଏକ ମାରାତ୍ମକ ରୋଗ ବୋଲି ଘୋଷଣା କରିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପ୍ରସ୍ତୁତି ହେବାସହ ହସ୍ପିଟାଲ ଗୁଡ଼ିକରେ ବ୍ୟାପକ ସୁବିଧା ଓ ଚିକିତ୍ସା ବ୍ୟବସ୍ଥା ସବୁ ରହିଛି।

ଆରମ୍ଭ ସମୟରେ କେବଳ ମାଙ୍କଡ ଠାରୁ ମନୁଷ୍ୟ ଶରୀରକୁ ଏହି ସଂକ୍ରମଣ ଘଟୁଥିଲା। ସଂକ୍ରମିତ ମନୁଷ୍ୟ ଠାରୁ ଅନ୍ୟ ଜଣେ ସୁସ୍ଥ ମନୁଷ୍ୟ ପାଖକୁ ଏହା ପ୍ରସାରିତ ହେବା ପ୍ରାୟ ଦେଖାଯାଉନଥିଲା। କିଛି ବର୍ଷା ହେବ କିନ୍ତୁ ଏହି ଭୂତାଣୁ ହଠାତ୍ ଭୌଗୋଳିକ ଓ ଶାରୀରିକ ସୀମା ଅତିକ୍ରମ କରି ଆତ୍ମପ୍ରକାଶ କଲା ଇଉରୋପରେ ଏବଂ ଯାହା ଅତ୍ୟନ୍ତ ବିପଜ୍ଜନକ, ତାହା ହେଲା – ଏହି ଭୂତାଣୁ ମନୁଷ୍ୟ ଶରୀରରୁ ଅନ୍ୟ ମନୁଷ୍ୟ ଶରୀରକୁ ଡେଇଁବା ଦେଖାଗଲା। ପୂର୍ବଭଳି ଏହାର ପ୍ରସାର ଆଉ ମର୍କଟ ଶରୀର ଉପରେ ନିର୍ଭରଶୀଳ ହୋଇ ରହିଲା ନାହିଁ। ଏଥିରେ ଯାହା ଏକ ଅସମାହିତ ପ୍ରଶ୍ନ ହୋଇ ରହିଛି, ତାହା ହେଲା ଆଫ୍ରିକାରୁ ଆଦୌ ଯାତ୍ରା କରିନଥିବା ବ୍ୟକ୍ତିମାନଙ୍କ ଠାରେ ଏହି ରୋଗର ଆବିର୍ଭାବ ଘଟିବା ଦେଖାଗଲା। ଏହି ବ୍ୟାଧିଗ୍ରସ୍ତମାନଙ୍କ ଠାରେ 'ଫ୍ଲୁ' ଭଳି ଲକ୍ଷଣ ପ୍ରକାଶ ପାଇବା ସହିତ ଚର୍ମରେ ହାଡ଼ଫୁଟି ବା ବସନ୍ତ ଭଳି ଫୋଟକାମାନ ବାହାରିଥାଏ।

ମଙ୍କପକ୍ସକୁ କେହି କେହି 'ବାନର ବସନ୍ତ' ବୋଲି ଅଭିହିତ କରୁଥିବାବେଳେ ଏହା ବିଶ୍ୱର ପ୍ରାୟ ୭୫ଟି ଉର୍ଦ୍ଧ୍ୱ ଦେଶରେ ପ୍ରାୟ ୨୫,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କଲାଣି। ତେବେ ଅଧିକାଂଶ ସଂକ୍ରମଣ ଘଟିଛି ଇଉରୋପ (ପ୍ରାୟ ୭୦ ଶତାଂଶ) ଓ ଆମେରିକା (୧୫ ଶତାଂଶ)ରେ। ଆଉ ଏଠାରେ ଏହି ସଂକ୍ରମଣର ଯେଉଁ ଏକ ଚରିତ୍ର ଦୃଶ୍ୟମାନ ହୋଇଛି, ତାହାର ୧୯୮୦ ଦଶକରେ ସେଇ ଆଫ୍ରିକାରୁ ଉଦ୍ଭବ ହୋଇ ପୃଥିବୀ ସାରା ଆତଙ୍କ ସୃଷ୍ଟି କରିଥିବା ଅନ୍ୟ ଏକ ଭୂତାଣୁଜନିତ ବ୍ୟାଧି ସହିତ ଥିବା ସାମଞ୍ଜସ୍ୟ, ଯେତିକି ଚିନ୍ତା ଓ ଆତ୍ମସମୀକ୍ଷାର କାରଣ ହୋଇଥାଏ, ସେତିକି ଭୟର କାରଣ ହୋଇଥାଏ। ତାହା ମଧ୍ୟ ଥିଲା ଏକ ଆଫ୍ରିକୀୟ ମର୍କଟ ସୂତ୍ରରୁ ଆସିଥିବା – ସବୁଜ ମର୍କଟ ଭୟଙ୍କର ବ୍ୟାଧି ଏଡ଼ସ। ସେଇ ବ୍ୟାଧି ଯେତେବେଳେ ପ୍ରଥମେ ପାଶ୍ଚାତ୍ୟ ଦେଶମାନଙ୍କରେ ବ୍ୟାପିବାକୁ ଆରମ୍ଭ କଲା, ସେତେବେଳେ ତାହା ପ୍ରାୟ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିଥିଲା – ସମଲିଙ୍ଗୀ ପୁରୁଷମାନଙ୍କ ମଧ୍ୟରେ। ଠିକ 'ଏଡ଼ସ'କୁ ଅନୁକରଣ କଲା ଭଳି ବିଗତ ସମୟରେ ଇଉରୋପ ଓ ଆମେରିକାରେ ଯେଉଁମାନେ 'ମଙ୍କି ପକ୍ସ' ଦ୍ୱାରା ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି, ସେମାନେ ପ୍ରାୟ ସମସ୍ତେ ହେଉଛନ୍ତି ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ। ସେମାନଙ୍କ ମଧ୍ୟରୁ ଅନେକ 'ମଙ୍କିପକ୍ସ' ଦ୍ୱାରା ସଂକ୍ରମିତ ହେବା ପୂର୍ବର ଏକ ବର୍ଷ ମଧ୍ୟରେ ଅନ୍ୟ କୌଣସି ଯୌନ ସଂକ୍ରମିତ ବ୍ୟାଧି ଦ୍ୱାରା ପୀଡ଼ିତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସଂକ୍ରମିତମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ବହୁ ସଂଖ୍ୟକ ସାଥୀ ମାନଙ୍କ ସହିତ ଯୌନ ସମ୍ପର୍କ ସ୍ଥାପନ କରିବାରେ ଅଭ୍ୟସ୍ତ ଥିବା ମଧ୍ୟ ପ୍ରକାଶ କରିଛନ୍ତି। ବୈଜ୍ଞାନିକମାନେ ପ୍ରାୟ ଏକମତ ଯେ ଶ୍ୱାସପ୍ରଶ୍ୱାସରୁ ନିର୍ଗତ କଣିକା ବା 'ଡ୍ରପଲେଟ୍' (ଯେମିତି କୋଭିଡ଼ ସଂକ୍ରମଣ କ୍ଷେତ୍ରରେ ଘଟିଥାଏ) ମଙ୍କିପକ୍ସ ଭୂତାଣୁର ପ୍ରସାର ଘଟିନଥାଏ। ସେମାନେ ନିଶ୍ଚିତ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ବାନର ବସନ୍ତ ସଂକ୍ରମଣ ପ୍ରାୟ ସମ୍ପୂର୍ଣ୍ଣ ରୂପେ ଚର୍ମ-ଚର୍ମ ସ୍ପର୍ଶ ମାଧ୍ୟମରେ ସଂଘଟିତ ହୋଇଛି ଯେଉଁଥିରେ ଯୌନ ସମ୍ପର୍କ ଅନ୍ତର୍ଭୁକ୍ତ।

କିଛି ଲୋକ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପ୍ରାକୃତିକ ଓ ଅନୈତିକ କହୁଥିବାବେଳେ ଅନ୍ୟମାନେ ସମଲିଙ୍ଗୀ ଆଚରଣକୁ ଏକ ଗର୍ବବୋଧର ବାହକ ବୋଲି ବିଶ୍ୱାସ କରନ୍ତି। ଏହା ଏପରି ଏକ ଶକ୍ତିଶାଳୀ ଆନ୍ଦୋଳନର ରୂପ ନେଇଛି ଯେ ଗୋଟିକ ପରେ ଗୋଟିଏ ଦେଶରେ ସମଲିଙ୍ଗୀ ବିବାହକୁ ମଧ୍ୟ ଆଇନଗତ ସ୍ୱୀକୃତି ପ୍ରଦାନ କରାଯିବାରେ ଲାଗିଛି। ଏହାର ସମର୍ଥକମାନଙ୍କ ଦୃଷ୍ଟିରେ କିନ୍ତୁ ସମଲିଙ୍ଗୀ ସମ୍ପର୍କରେ କୌଣସି ଅନୈତିକତାର ଦାଗ ନଥାଏ। ଯେଉଁମାନେ ଆପେକ୍ଷିକ ନୈତିକତାବାଦରେ ବିଶ୍ୱାସ କରନ୍ତି, ସେମାନଙ୍କ ପାଇଁ ବିଶୁଦ୍ଧ ନୀତି ବା ବିଶୁଦ୍ଧ ଅନୀତି କିମ୍ବା ବିଶୁଦ୍ଧ ପାପ ବା ବିଶୁଦ୍ଧ ପୂଣ୍ୟ ବୋଲି କିଛି ନଥାଏ। କିନ୍ତୁ ସାଧାରଣ ଜ୍ଞାନ ଅନୁସାରେ ଯାହା ପ୍ରକୃତି ବିରୁଦ୍ଧ ହୋଇଥାଏ, ତାହା ହେଉଛି ଅନୀତି ବା ପାପ। ପ୍ରକୃତି ବିରୁଦ୍ଧ ଆଚରଣର ପରିଣାମ କେବେହେଲେ ଶୁଭଙ୍କର ହୋଇନଥାଏ ତାହା ହୋଇଥାଏ ପାପର ଫସଲ। ଅନେକଙ୍କ ମତରେ ଅତୀତରେ ଏଡ଼ସ ଯଦି ଏହା ପ୍ରମାଣିତ କରିଥିଲା, ବର୍ତ୍ତମାନ ମଙ୍କିପକ୍ସ ତାହାକୁ ଆଉଥରେ ପ୍ରମାଣ କରିଛି। ବିପଦର କଥା ହେଲା ଏହି ଫସଲ ସେହି ସମଲିଙ୍ଗୀ ପୁରୁଷ ଗୋଷ୍ଠୀରେ ସୀମିତ ନ ରହି କ୍ରମେ ଅନ୍ୟ କ୍ଷେତକୁ ମଧ୍ୟ ମାଡ଼ିଯାଏ, ଯେମିତି ଘଟିଛି, ଏଡ଼ସ କ୍ଷେତ୍ରରେ। ଉଦାହରଣ ସ୍ୱରୂପ ଆମେରିକାରେ ବର୍ତ୍ତମାନ ନୂତନ ଏଡ଼ସ ସଂକ୍ରମିତମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ହେଉଛନ୍ତି ମହିଳା। ମଙ୍କିପକ୍ସ କ୍ଷେତ୍ରରେ ମଧ୍ୟ ତାହା ଘଟିବା ନିଶ୍ଚିତ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପାପ ପାଇଁ ବୃହତ୍ତର ସମାଜକୁ ପ୍ରାୟଶ୍ଚିତ କରିବାକୁ ପଡ଼ିଥାଏ। ଏକ ଆଶ୍ୱାସନର କଥା ଏହା ଯେ ବସନ୍ତ ରୋଗ ପାଇଁ ଉଦ୍ଭାବିତ ହୋଇଥିବା ଏକ ଟିକା ମଙ୍କିପକ୍ସ ନିରାକରଣରେ ମଧ୍ୟ ଫଳପ୍ରଦ ହେଉଛି। 'ହୁ' ଏବେ ମଙ୍କିପକ୍ସକୁ ଏକ ଆନ୍ତର୍ଜାତିକ ଏମର୍ଜେନ୍ସି ଫେଇକ୍ ରୂପେ ଘୋଷଣା କଲା ପରେ ଏହି ଟିକା ଉତ୍ପାଦନ ଓ ବଣ୍ଟନକୁ ନିୟନ୍ତ୍ରଣ କରି ଏହି ନୂତନ ବିପଦର ମୁକାବିଲା କରିବାକୁ ଅଧିକ ସକ୍ଷମ ହେବ। ଆଶା 'ହୁ'ର ଏହି ସମୟୋଚିତ ପଦକ୍ଷେପ ଏଥିରେ ସେଇଭଳି ସଫଳତା ହାସଲ କରିବ ଯାହା କୋଭିଡକୁ କାବୁ କରିବାରେ ହାସଲ କରି ପାରିନଥିଲା। ମଙ୍କିପକ୍ସକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡ଼ ଲାଇନଟି ହେଉଛି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ରୋଗୀ ସଙ୍ଗରୋଧରେ ରହିବେ। ଶରୀରର ସମସ୍ତ ଘା ଶୁଖିବା ପର୍ଯ୍ୟନ୍ତ ସଂକ୍ରମିତ ରୋଗୀ ସଙ୍ଗରୋଧରେ ରହିବେ। ରୋଗୀ ତିନି ଥାକିଆ ମାସ୍କ ପିନ୍ଧିବେ। ଶରୀରରେ ହୋଇଥିବା ଘା ଓ ବଥ ଗୁଡ଼ିକୁ ଯଥାସମ୍ଭବ ଘୋଡ଼ାଇ ରଖିବା ଉଚିତ। ସଂକ୍ରମିତ ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ୨୧ ଦିନ ଆଇସୋଲେସନରେ ରହିବେ। ମଙ୍କିପକ୍ସ ରୋଗୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି ପିପିଇ କିଟ୍ ପିନ୍ଧିବେ। ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଲକ୍ଷଣ ନଥିଲେ ବି ବ୍ଲଡ଼, ସେଲ୍, ଟିସୁ ଆଦି ଦାନ କରିପାରିବେନି। ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିଲେ ବାରମ୍ବାର ହାତ ଧୋଇବେ ଏବଂ ସାନିଟାଇଜର ବ୍ୟବହାର କରିବେ। ମଙ୍କିପକ୍ସ ରାଜ୍ୟକୁ ଆସିବା ପୂର୍ବରୁ ଅନେକ ସ୍ୱାସ୍ଥ୍ୟ ସାବଧାନତା ଓ ସତର୍କତା ମଧ୍ୟ ଜରୁରୀ। ମଙ୍କିପକ୍ସର ଲକ୍ଷଣ ଦେଖାଦେବା ମାତ୍ରେ ରୋଗୀଟିକୁ ଆଇସୋଲେସନରେ ତୁରନ୍ତ ରଖିବା ଜରୁରୀ। ସେହିଭଳି ଏବେ ରାଜ୍ୟରେ ଡେଙ୍ଗୁ ସହ ମ୍ୟାଲେରିଆ ଓ ଭାଇରାଲ ଜ୍ୱରର ପ୍ରାଦୁର୍ଭାବ ମଧ୍ୟ ଦେଖିବାକୁ ମଳୁଛି। କେତେଜଣଙ୍କ ଭିତରେ ମଙ୍କିପକ୍ସକୁ ନେଇ ସେଭଳି ସଚେତନତା ନଥିବାରୁ ସ୍ଥଳ ବିଶେଷରେ ଭାଇରାଲ ଜ୍ୱରକୁ ମଧ୍ୟ କେହି କେହି ମଙ୍କିପକ୍ସର ଲକ୍ଷଣ ବୋଲି ମତ ଦେଉଛନ୍ତି। ତେବେ ବିନା ଡାକ୍ତରୀ ପରାମର୍ଶରେ କୌଣସି ସ୍ୱାସ୍ଥ୍ୟ ନିଷ୍କର୍ଷରେ ପହଞ୍ଚିବା ଏକ ଗୁରୁତର ସ୍ୱାସ୍ଥ୍ୟଗତ ତ୍ରୁଟି। ପ୍ରାୟତଃ ମୌସୁମୀ ବର୍ଷା ସମୟରେ ପିଲାମାନଙ୍କୁ ଥଣ୍ଡାଜ୍ୱର ଦେଖାଦେଇଥାଏ। ତେବେ ମଙ୍କିପକ୍ସ ହେଉ ବା ଭୟାବହ କରୋନା ଏସବୁ ଭିତରେ ଆମ ପାଇଁ ବଡ଼ ଆହ୍ୱାନ ହେଉଛି ଶରୀରରେ ପର୍ଯ୍ୟାପ୍ତ ପରିମାଣର ରୋଗ ପ୍ରତିରୋଧକ ଶକ୍ତି ତିଆରି କରିବା। ନିଜ ଘର ସହ ଆଖପାଖ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସୁଷମ ଖାଦ୍ୟ, ପର୍ଯ୍ୟାପ୍ତ ବିଶ୍ରାମ, ଯୋଗ ପ୍ରାଣାୟମ ଅତ୍ୟନ୍ତ ଜରୁରୀ। ସୁଷମ ଖାଦ୍ୟ ଓ ନିରାମିଷ ଖାଦ୍ୟ ସହ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ଏକାନ୍ତ ବାଞ୍ଛନୀୟ। ସେହିଭଳି କୌଣସି ଗୁଜବ ବା କାନକୁହା କଥାକୁ ବିଶ୍ୱାସ କରନ୍ତୁନାହିଁ ଏବଂ ସବୁବେଳେ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରଣାଳୟର ଗାଇଡ଼ ଲାଇନକୁ ବିଶ୍ୱାସ କରିବା ସହ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧା ସୁଯୋଗର ଫାଇଦା ନେବା ଜରୁରୀ। ସେହିଭଳି ଦେହ ଅସ୍ୱାଭାବିକ ଅନୁଭୂତ ହେଲେ, ଦୁର୍ବଳ ଲାଗିଲେ ବା ବିଚଳିତ ଅନୁଭବ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ*
*ବିଭାଗ, ଫକୀରମୋହନ ମେଡ଼ିକାଲ*
*କଲେଜ, ବାଲେଶ୍ୱର*

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday August 23 2024 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଇନ୍ଦୁପୁର ହତ୍ୟାକାଣ୍ଡରେ ସଂପୃକ୍ତ ୬ ଗିରଫ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ବିରୂପା ନଦୀ ପୋଲ ଉପରେ ବାଡେଇ ବାଡେଇ ପୋଲ ଉପରୁ ନଦୀକୁ ଫିଙ୍ଗିଦେବା ଘଟଣାରେ ନିକିରାଇ ପୋଲିସକୁ ସଫଳତା ମିଳିଛି । ନିକିରାଇ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ପୋଲିସ ନିକଟରେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି । ପରକୀୟା ପ୍ରୀତିରୁ ଏଭଳି ଅଘଟଣ ଘଟିଛି ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ପ୍ରକାଶ ଥାଉକି ଗତ ୧୪ ତାରିଖରେ ନିକିରାଇର ମ ୁ ମଲ୍ଲିକକୁ ମାରି ପୋଲ ଉପରୁ ବିରୂପା ନଦୀକୁ ଫିଙ୍ଗି ଦିଆଯାଇଥିଲା । ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଯାଜପୁର ଜିଲ୍ଲାର ବରୀ ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମର । ସେମାନେ ହେଉଛନ୍ତି ଟିକିଲି ଜେନା, ଟିକିଲିଙ୍କ ପୁଅ ଲିଟୁନା ଜେନା, ବ ି ଜେନା, ଟିକିଲିଙ୍କ ସମ୍ପର୍କୀୟ ଦିପୁ ଜେନା, ଅଶ୍ୱିନୀ ଜେନା ଓ କିଶୋର ଜେନା । ଗିରଫ ସମସ୍ତ ଅଭିଯୁକ୍ତ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି । ଏହି ବିଭତ୍ସ ହତ୍ୟାକାଣ୍ଡ ପଛରେ ପରକୀୟା ପ୍ରିତି ଥିବା ପୋଲିସ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ ମୃତ ଟ୍ରାକ୍ଟର ଚାଳକ ମ ୁ ମଲ୍ଲିକ ଅଗଷ୍ଟ ୧୪ ତାରିଖ ସକାଳେ ତାଙ୍କ ସାଙ୍ଗ କୃଷ୍ଣନଗର ଅ ଳର ଦିପୁ ଜେନାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଭେଟିଥିଲେ । ଏହି ସମୟରେ ଦିପୁର ବାପା ଟିକିଲି ଜେନା ମ ୁଙ୍କୁ ତାଙ୍କ ବୋହୁ ସହ ଦେଖି ବିରକ୍ତ ପ୍ରକାଶ କରିବା ସହ ମାରଧର କରିଥିଲେ । ମ ୁ ସେଠାରୁ ପଳାଇ ଆସି ଇନ୍ଦୁପୁର ଛକରେ ବୁଲୁଥିବାବେଳେ ଦିନ ୨ଟା ବେଳେ ସେଠାରେ ଟିକିଲି ଜେନାଙ୍କ ସହ ଭେଟ ହୋଇଗଲା । ମ ୁ ରାଗ ଶୁଝାଇବାକୁ ଯାଇ ଟିକିଲିଙ୍କୁ ମାଡ ମାରିଥିଲା । ଟିକିଲି ମାଡ ଖାଇ ଘଟଣାସ୍ଥଳକୁ ତାଙ୍କର ଦୁଇପୁଅ ଲିଟୁନା ଓ ବ ିକୁ ଫୋନ କରି ଡାକିଥିଲା । ବାପ ପୁଅ ୩ଜଣ ମିଳିତ ଭାବେ ମ ୁକୁ ମାଡ ମାରି ସାଙ୍ଗରେ କୃଷ୍ଣନଗର ନେଇ ଯାଇଥିଲେ । ସେଠାରେ ଅନ୍ୟ ଅଭିଯୁକ୍ତମାନେ ମିଶି ମ ୁକୁ ମାଡ ମାରିବା ସହ ପୁନର୍ବାର ଆଣି ବିରୂପା ପୋଲ ଉପରୁ ନଦୀକୁ ଠେଲି ଦେଇଥିଲେ । ଘଟଣା ଘଟିବା ପରଦିନ ଅର୍ଥାତ୍ ଅଗଷ୍ଟ ୧୫ ତାରିଖ ଦିନ ବ୍ରାହ୍ମଣୀ ନଦୀରୁ ମ ୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତ ମ ୁ ମଲ୍ଲିକଙ୍କ ଭାଇ ଶରତ ମଲ୍ଲିକଙ୍କ ଅଭିଯୋଗ କ୍ରମେ ନିକିରାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପ ନିର୍ବାଚନ: ଲିଳିତା ଦାସ ନିର୍ଦ୍ୱନ୍ଦ୍ୱରେ ବିଜୟୀ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଉପ ନିର୍ବାଚନରେ କେନ୍ଦ୍ରାପଡା ବ୍ଲକର ୫ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି । ନବୀନ ନିବାସରୁ ଆସିଥିବା ବନ୍ଦ ଲଫାପାରେ ଲିଳିତାଙ୍କ ନାମ ରହିଥିଲା । ବିଜୟୀ ହେବା ପରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଠାରୁ ଆଶୀର୍ବାଦ ନେବା ପାଇଁ ସେ ଓ ଅନ୍ୟ ସଭ୍ୟ/ ସଭ୍ୟାମାନେ ନବୀନ ନିବାସ ଗସ୍ତ କରିଛନ୍ତି । ସୂଚନା ଥାଉକି ୨୦୨୨ ମସିହାରେ ଜିଲ୍ଲା ପରିଷଦ ସଭାପତି ହୋଇଥିବା ଗୀତାଞ୍ଜଳୀ ସେଠୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଦରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ ଓ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିଲେ । ସେହିପରି ଉପସଭାପତି ଥିବା ଅଶୋକ କୁମାର ପ୍ରତିହାରୀ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇ କଂଗ୍ରେସରେ ମିଶିଥିଲେ ଓ ରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ । ଫଳରେ ସେବେଠାରୁ ଉଭୟ ପଦବୀ ଖାଲି ପଡିଥିଲା । ରାଜ୍ୟ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁଯାୟୀ ଆଜି ଜିଲ୍ଲା ପରିଷଦ ସଭାପତି ପାଇଁ ଉପ ନିର୍ବାଚନ ହୋଇଥିଲା । ଏହି ଉପ ନିର୍ବାଚନରେ ଲିଳିତା ଦାସ ବିଜୟୀ ହୋଇଛନ୍ତି । ୩୨ଟି ଜୋନ ବିଶିଷ୍ଟ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦରେ ୩୧ଟି ଜୋନରେ ବିଜେଡି ବିଜୟୀ ହୋଇଥିବା ବେଳେ ମାତ୍ର ଗୋଟିଏ ଜୋନରେ ବିଜେପି ବିଜୟୀ ହୋଇଥିଲା । ବିଜୟୀ ହେବା ପରେ ଲିଳିତା କହିଛନ୍ତି ଜିଲ୍ଲାରେ ଥିବା ୩୨ଟି ଜୋନର ଯେପରି ବିକାଶ ହେବ ସେଥିପ୍ରତି ସେ ଧ୍ୟାନ ଦେବେ । ଅପରପକ୍ଷରେ କାଳେ ଦଳ ବିରୋଧୀ କାର୍ଯ୍ୟ କେହି କରିବେ ସେଥିପାଇଁ ସହର ଉପକଣ୍ଠରେ ଥିବା ଏକ ହୋଟେଲରେ ଆଜି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେଡି ଜିଲ୍ଲା ସଭାପତି ଧୀରେନ୍ ସାହୁ ଓ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନେ ଉପସ୍ଥିତ ଥିଲେ । ଏକ ବନ୍ଦ ଲଫାପାକୁ ପ୍ରତାପ ଜେନା ନବୀନ ନିବାସରୁ ନେଇ ଆସିଥିଲେ । ସେହି ଲଫାପାକୁ ବିଧାୟକ ପ୍ରତାପ ଦେବ ଖୋଲିଥିଲେ ଓ ଲିଳିତାଙ୍କ ନାମ ଜିଲ୍ଲା ପରିଷଦ ସଭାପତି ପଦ ପାଇଁ ଘୋଷଣା କରିଥିଲେ । ଏହାପରେ ସେଠାରୁ ସମସ୍ତ ସଭ୍ୟ/ସଭ୍ୟା ଜିଲ୍ଲା ସଭାପତି ଧୀରେନ୍ ସାହୁଙ୍କ ସହ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଆସିଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଲିଳିତା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ଧାର୍ଯ୍ୟ ସମୟସୀମା ମଧ୍ୟରେ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ ନକରିବାରୁ ଲିଳିତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା ।

### ଅନୁସୂଚିତ ଜାତି ଓ ଜନ ଜାତି କର୍ମଚାରୀ ପରିଷଦ ର ଜିଲ୍ଲା ସ୍ତରୀୟ ବୈଠକ

ଫୁଲବାଣୀ,(ପି.ଏନ):ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ ସମନୋୟ ପରିଷଦ, କନ୍ଧମାଳ ଶାଖା ଆନୁକୁଲ୍ୟରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଫୁଲବାଣୀ ର ବନାନୀ କ୍ଲବ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲା ସଭାପତି ସୁଜନ ବେହେରାଙ୍କ ସଭାପତିତୋ ରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା ।

## ଆଇସା ପରୱିନ୍ ପାଇଲେ ସ୍ୱର୍ଣ୍ଣପଦକ ସହ ପ୍ରମାଣପତ୍ର




ଭୁବନେଶ୍ୱର,(ପି.ଏନ): ଭୁବନଶ୍ୱେରସ୍ଥ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଆଜି ଆୟୋଜିତ ହୋଇଥିବା ଉତ୍କଳ ସ୍ପୋର୍ସ(କରାଟେ) ମିଟ୍-୨୦୨୪ରେ ଆଇସା ପରୱିନ୍ ଅଂଶଗ୍ରହଣ କରି ପ୍ରଥମସ୍ଥାନ ଅଧିକାର କରିବା ସହ ମୁଖ୍ୟଅତିଥିଙ୍କଠାରୁ ସ୍ୱର୍ଣ୍ଣପଦକ ଏବଂ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ସେ ଏବେ ଭୁବନେଶ୍ୱରସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି ଏବଂ ତାଙ୍କ ସ୍କୁଲ ତରଫରୁ ସେ ଏହି ମିଟ୍‌ରେ ଭାଗ ନେଇଥିଲେ । ସେ ଡୁମଡୁମା ନିବାସୀ ପିତା ଶେଖ୍ ସାହାନୱାଜ୍ ଏବଂ ମାତା ଇସରତ୍ ପରୱିନ୍‌ଙ୍କ କନ୍ୟା ତଥା ବିଶିଷ୍ଟ ସମାଜସେବୀ ଶେଖ୍ ଅଜିଦୁଲ୍ ୱାରିଙ୍କ ନାତୁଣୀ ଅଟନ୍ତି । ସେ ଭବିଷ୍ୟତରେ ରାଜ୍ୟ ଓ ଜାତୀୟସ୍ତରରେ କରାଟେ ପ୍ରତିଯୋଗୀତାରେ ଭାଗ ନେଇ ଉତରୋତର ଉନ୍ନତି କରନ୍ତୁ ବୋଲି ତାଙ୍କ ପରିବାର ଦୃଢ ଆଶା ରଖିଛନ୍ତି ।

## ରାଜଧାନୀରେ ପୋଲିସ ଓ କଂଗ୍ରେସ କର୍ମୀ ମୁହାଁ ମୁହିଁ ହଜାର ହଜାର କଂଗ୍ରେସ କର୍ମୀ ଅଟକ

ଭୁବନେଶ୍ୱର,ଅନ୍ୟ ଯୋଗେ: ନିକଟରେ ହିଣ୍ଡେନବର୍ଗର ମହାଖୁଲାସା ଆଦାନୀ ମହାଘୋଟାଲାର ପର୍ଦାଫାଶ କରିଛି । ଆଦାନୀ ଓ ସେବୀର ମଧୁଚନ୍ଦ୍ରିକାରେ ଏହି ମହାଦୁର୍ନୀତି ସମ୍ଭବପର ହୋଇଛି । କଂଗ୍ରେସ ଏହି ମହାଦୁର୍ନୀତିର ଗୁମର ଖୋଲିବାପାଇଁ ଜେପିସି ତଦ' ଦାବି କରିବା ସହ ସେବୀର ମୁଖ୍ୟ ମାଧବୀ ବୁଚ୍‌ଙ୍କ ଇସ୍ତଫା ଦାବିରେ ସାରା ଭାରତବର୍ଷରେ ଇ.ଡି ଅଫିସ ସମ୍ମୁଖରେ ଗଣବିକ୍ଷୋଭ ଓ ଇ.ଡି. ଅଫିସକୁ ଘେରାଉ କରିଛି । ଏହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ଷ୍ଟିୟରିଂ କମିଟି ସଂଯୋଜକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଭୁବନେଶ୍ୱର ଇ.ଡି ଅଫିସ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି ଦେଶର ସାଧାରଣ ଜନତାଙ୍କ ଧନ ବ୍ୟାଙ୍କରେ ଜମା ରହୁଛି ସେହି ଜମାରାଶିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମିତ୍ର ଆଦାନୀଙ୍କ ହାତରେ ଟେକି ଦେଉଛନ୍ତି । ମୋଦିଙ୍କ ସହଯୋଗ ଓ ଆଦାନୀ ଓ ସେବୀ ମଧ୍ୟରେ ଥିବା ଗୁପ୍ତ ବୁଝାମଣା ଯୋଗୁଁ ଦେଶ ହଜାର ହଜାର କୋଟି ଟଙ୍କା କ୍ଷତି ସହୁଛି । ଏ ସମସ୍ତ ଅର୍ଥନୈତିକ ଅପରାଧ ଚାଲିଥିବା ବେଳେ ମୋଦି ସରକାର ଓ ଇଡି ଚୁପ ବସିଛନ୍ତି । ଇଡି କେବଳ ବିରୋଧି ଦଳର ନେତାଙ୍କୁ ଡରାଇବା, ଧମକାଇବା ଓ ଚାପ ପ୍ରୟୋଗ କରି ସେମାନଙ୍କ ସ୍ୱରକୁ ଦବାଇବା ପାଇଁ ମାଧ୍ୟମ ପାଲଟିଛି । ୨୫ ଜଣଙ୍କ ନେତାଙ୍କ ନାମରେ ଇଡି କେସ ଥିବା ବେଳେ ୨୩ ଜଣ ବିଜେପିରେ ସାମିଲ ହେଲା ପରେ କେସ ସବୁ ପ୍ରାୟତଃ ବନ୍ଦ ହୋଇଛି । ଏହା ସହ ଶ୍ରୀ ମୋଦି ଆଦାନୀଙ୍କ ହାତରେ ଦେଶର ସମ୍ପତିମାନ ଯଥା ଏୟାରପୋର୍ଟ, ରେଲୱେ ଷ୍ଟେସନ ଇତ୍ୟାଦି ବିକ୍ରୀ କରୁଛନ୍ତି । କେନ୍ଦ୍ରରେ ୧୦ ବର୍ଷ ଧରି ଶାସନ କରୁଥିବା ମୋଦି ସରକାର ବଡ଼ ବଡ଼ ଉଦ୍ୟୋଗପତିଙ୍କ ଦ୍ୱାରା ପରିଚାଳିତ । ବିଏସଏନଏଲକୁ ବୁଡ଼ାଇ ଅମ୍ବାନୀଙ୍କୁ ଲାଭ ପହଂଚାଇବା ପାଇଁ ଯଥା ସମ୍ଭବ ଉଦ୍ୟମ କରିବା ଫଳରେ ଆଜି ମୋବାଇଲ ରିଚାର୍ଜ ବି ମହଙ୍ଗା । ମୋଦି ସରକାର ଏସସି, ଏସଟି ଓ ଓବିସି ମାନଙ୍କ ସଂରକ୍ଷଣ ବ୍ୟବସ୍ଥାକୁ ଖତମ କରିବାପାଇଁ ଷଡ଼ଯନ୍ତ୍ର ରଚୁଛି । ଦେଶ ଆଜି ମହଙ୍ଗା ମାଡ଼ରେ ହନ୍ତସନ୍ତ ହେଉଥିବା ବେଳେ ସରକାର ଆରାମ କରୁଛନ୍ତି । ଜନତାଙ୍କୁ ଧର୍ମ ନାମରେ ବିଦ୍ୱେଷର ବିଷ ମି ବୁଣିବାପାଇଁ ବିଜେପି ଅପ୍ରାଣ ଉଦ୍ୟମ କରୁଛି ।

## ଜିଲ୍ଲା ପରିଷଦ ସଭାପତି ନିର୍ବାଚନ ବେଳେ ହାତାହାତି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ତଥା ୫ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟାଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁ ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟା ହାତାହାତି ହୋଇଥିଲେ ସେମାନେ ଜିଲ୍ଲା ପରିଷଦ ସଭାପତି ଦୌଡରେ ଥିଲେ । କିନ୍ତୁ ନବୀନ ନିବାସରୁ ଆସିଥିବା ବନ୍ଦ ଲଫାପା ସମସ୍ତ ପାଣିପାଗକୁ ବଦଳାଇ ଦେଇଥିଲା । ବନ୍ଦ ଲଫାପା ମଧ୍ୟରେ ୫ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସଙ୍କ ନାମ ରହିଥିଲା । ଲିଳିତା ଜମାରୁ ଚର୍ଚ୍ଚାରେ ନଥିଲେ । ଲିଳିତାଙ୍କ ନାମ ଘୋଷଣା ହେବା ପରେ ଚର୍ଚ୍ଚାରେ ଥିବା ଦୁଇ ଜିଲ୍ଲା ପରିଷଦ ସଭ୍ୟା ପରସ୍ପରକୁ ଦୋଷାରୋପ କରିଥିଲେ । ଜଣେ କହିଥିଲେ ତୋ ଯୋଗୁ ମୋ ନାମ କଟିଲା ଅନ୍ୟ ଜଣେ କହିଥିଲେ ତୋ ଯୋଗୁ ମୋ ନାମ କଟିଲା । ଏହିପରି ପ୍ରଥମେ କଥା କଟାକଟି ହୋଇଥିଲା । ପରେ ହାତାହାତି ହୋଇଥିଲା । ଜଣେ ଜିଲ୍ଲା ପରିଷଦ ସଭ୍ୟାଙ୍କ ହାତରେ ଚୁଡି ପଶିଯାଇ ରକ୍ତ ବାହାରିଥିଲା । ସେହିପରି ଚୌକି ପାହାରରେ ଅନ୍ୟ ଜଣେ ଜିଲ୍ଲା ପରିଷଦ ସଭ୍ୟାଙ୍କ ଗୋଡରେ କ୍ଷତି ସୃଷ୍ଟି ହୋଇ ରକ୍ତ ବାହାରିଥିଲା । ପରିସ୍ଥିତି ଏପରି ହୋଇଥିଲା ଯେଏହି ଝଗଡ଼ାକୁ ରୋକିବାରେ ବିଜେଡିର ଅନ୍ୟ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନେ ସକ୍ଷମ ହୋଇ ନଥିଲେ । ଶେଷରେ କଥା ପହ ିଥିଲା ଜିଲ୍ଲାପାଳଙ୍କ ନିକଟରେ । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଘଟଣା ସ୍ଥଳରେ ପହ ି ଉଭୟ ସଭ୍ୟାଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ସଭ୍ୟା ଦୁହେଁ ଦଳର ଶୃଙ୍ଖଳା ଭଙ୍ଗ କରି ଏହିପରି ହାତାହାତି ହୋଇଥିଲେ । କିଏ ସଭାପତି ହେବ ସେ ନିଷ୍ପ ି ଦଳର ସଭାପତି ନବୀନ ପଟ୍ଟନାୟକ ନେଇଥିଲେ । ସେ ବନ୍ଦ ଲଫାପାରେ ସଭାପତିଙ୍କ ନାମ ଲେଖି ପଠାଇଥିଲେ । ଫଳରେ ଲିଳିତା ଦାସ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହାକୁ ଅନ୍ୟ ସଭ୍ୟାସଭ୍ୟାମାନେ ସମ୍ମାନ ଜଣାଇବା କଥା । କିନ୍ତୁ ନିଜର ସ୍ୱାର୍ଥ ସାଧନ ନ ହେବାରୁ ଉଭୟ ହାତାହାତି ହେବା ଘଟଣା ଦଳର ଶୃଙ୍ଖଳାକୁ ଭଙ୍ଗ କରିଛି । ଏ ସଂକ୍ରାନ୍ତରେ ବିଜେଡି ଜିଲ୍ଲା ସଭାପତି ଧୀରେନ୍ ସାହୁଙ୍କୁ ପଚାରିବାରୁ ସେ କହିଲେ ଦଳ କାହାକୁ ସଭାପତି ପଦରେ ବସାଇବ ସେ ନିଷ୍ପ ି ଦଳ ହାଇକମାଣ୍ଡ ନେଇଥାନ୍ତି । ଦଳର ସଦସ୍ୟଭାବେ ସେହି ନିଷ୍ପ ିକୁ ସମସ୍ତେ ଗ୍ରହଣ କରିବା ଉଚିତ । ନିଜ ମଧ୍ୟରେ ବିଶୃଙ୍ଖଳା କରିବା ଅର୍ଥ ହାଇକମାଣ୍ଡଙ୍କ ନିଷ୍ପ ିକୁ ଗ୍ରହଣ ନ କରିବା ସଙ୍ଗେ ସମାନ ।

## କେନ୍ଦ୍ରାପଡାରେ ବିଶ୍ୱ ସଂସ୍କୃତ ଦିବସ ପାଳିତ



କେନ୍ଦ୍ରାପଡ଼ା,(ପି.ଏନ): ସଂସ୍କୃତ ଭାରତୀ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ପ୍ରଥମେ ପଣ୍ଡିତ ମାନଙ୍କ ଦ୍ୱାରା ବଳଦେବ ସହସ୍ରନାମ ପାଠ କରାଯାଇଥିଲା । ସଂସ୍କୃତ ବ୍ୟାକରଣ ପ୍ରଣେତା ତଥା ବ୍ୟାକରଣ ଜନକ ପାଣିନୀଙ୍କ ୨୫ଶହ ତମ ଜୟନ୍ତୀ ଅବସରରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇ ଆସୁଅଛି । ୧୯୬୯ ମସିହା ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ସଂସ୍କୃତ ଦିବସ ରୂପେ ଭାରତ ସରକାର ଘୋଷଣା କରିଥିଲେ । ସଂସ୍କୃତ ଭାଷାର ମହ ୍, ଅଧ୍ୟୟନ ଓ ବ୍ୟବହାର ପ୍ରତି ସଚେତନ ହେବାକୁ ସଂସ୍କୃତ ଭାରତୀ ଜିଲ୍ଲା ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି ମନ୍ତବ୍ୟ ରଖିଥିଲେ । ପଣ୍ଡିତ ସତ୍ୟନାରାୟଣ ପତି, ମାଧବ ଚନ୍ଦ୍ର ପତ୍ରୀ, ଅବଧୂତ ରାଉତ, ତପନ ଦାଶ, ନୃସିଂହ ଚରଣ ତ୍ରିପାଠୀ, ଉମାକାନ୍ତ ପତି, ଅଧ୍ୟାପକ ଭଗବାନ ପତ୍ରୀ ପ୍ରମୁଖଙ୍କ ସମେତ ଜିଲ୍ଲାର ବହୁ ପଣ୍ଡିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray